# ଏକକ ୧୩: ଶିଶୁ ଅଧିକାର ଏବଂ ଉପଲବ୍ଧ ସୁବିଧା ସୁଯୋଗ

**ସଂରଚନା**


| | |
|---|---|
| ୧୩.୦ | ଉପକ୍ରମ |
| ୧୩.୧ | ଶିକ୍ଷଣ ଉଦ୍ଦେଶ୍ୟ |
| ୧୩.୨ | ଶିଶୁ ଅଧିକାର ସମ୍ବନ୍ଧରେ ଧାରଣା |
| ୧୩.୩ | ଶିଶୁ ଅଧିକାର ସୁରକ୍ଷା |
| ୧୩.୪ | ସାରାଂଶ |
| ୧୩.୫ | ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର |
| ୧୩.୬ | ପରବର୍ତ୍ତୀ ଅଧ୍ୟୟନ ପାଇଁ ପୁସ୍ତକସୂଚୀ |
| ୧୩.୭ | ପାଠାନ୍ତ ପ୍ରଶ୍ନାବଳୀ |


## ୧୩.୦ ଉପକ୍ରମ

ପୂର୍ବ ଭାଗରେ, ତୁମେ ଅନ୍ତର୍ନିବେଶୀ ଶିକ୍ଷା ବିଷୟରେ ପଢିଛ । ଅଧିକାଂଶ ଅନୁଭବ କରନ୍ତି ଯେ ପ୍ରତ୍ୟେକ ପିଲା ସ୍ୱତନ୍ତ୍ର ଅଟନ୍ତି । ଏହା ମଧ୍ୟ ଜାଣିଥିବ ଯେ ଶିକ୍ଷଣ ପାଇଁ ଉତ୍ତମ ପରିବେଶ ସୃଷ୍ଟି କରିବା ବର୍ତ୍ତମାନର ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ଏବଂ ପିଲାର ସର୍ବାଙ୍ଗୀନ ବିକାଶ ନିମନ୍ତେ ସମସ୍ତଙ୍କ ସମାନ ସୁଯୋଗ ପ୍ରଦାନ କରିବା ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ଏହି ସବୁ ଲକ୍ଷ୍ୟ ପୂରଣ ନିମନ୍ତେ ବିଦ୍ୟାଳୟ ଏବଂ ସମାଜ ଏକତ୍ର କାର୍ଯ୍ୟ କରିବା ଉଚିତ୍ । ଏଥି ନିମନ୍ତେ ପିଲାଟିକୁ ତାର ପିଲାଦିନ/ ବାଲ୍ୟକାଳକୁ ଭଲ ଭାବେ ଉପଭୋଗ କରିବା ପାଇଁ ସୁଯୋଗ ଦିଆଯିବା ଆବଶ୍ୟକ । ବର୍ତ୍ତମାନ ପୃଥିବୀର ବହୁଭାଗରେ ଏହିଭଳି ସୁଯୋଗ ପିଲାମାନଙ୍କୁ ଦିଆଯାଉନାହିଁ । ଏଣୁ ମିଳିତ ଜାତିସଂଘ ଏହି ବିଷୟବସ୍ତୁକୁ ଗମ୍ଭୀର ଭାବରେ ଚିନ୍ତା କରି ସମସ୍ତ ଦେଶମାନଙ୍କୁ ପିଲାମାନଙ୍କୁ ସ୍ୱାଧୀନତା ଦେବା ଏବଂ ନିଜର ପିଲାଦିନକୁ ଉପଭୋଗ କରିବା ପାଇଁ ସୁଯୋଗ ଦେବାକୁ ନିର୍ଦ୍ଦେଶ ଦେଇଛି । ଏହି ଏକକରେ ଆମେ ଶିଶୁର ଅଧିକାର, ଶିଶୁ ଅଧିକାର କ୍ଷୁର୍ଣ୍ଣ, ଶିଶୁ ଅଧିକାରର ସୁରକ୍ଷା ଏବଂ ଶିଶୁ ଅଧିକାରର ସୁରକ୍ଷା ନିମନ୍ତେ ଶିକ୍ଷକଙ୍କର ଭୂମିକା ବିଷୟରେ ଆଲୋଚନା କରିବା ।

## ୧୩.୧ : ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକର ଅଧ୍ୟୟନ ପରେ ତୁମେ–

- ଅଧିକାର, ମାନବିକ ଅଧିକାର ଏବଂ ଶିଶୁର ଅଧିକାରର ଅର୍ଥକୁ ବର୍ଣ୍ଣନା କରିପାରିବ ।
- ଶିଶୁ ଉପଲବ୍ଧ ସମସ୍ତ ସୁବିଧାସୁଯୋଗର ତାଲିକା କରିପାରିବ ।
- ବିଦ୍ୟାଳୟ ମଧ୍ୟରେ ଶିଶୁର ଅଧିକାର କ୍ଷୁର୍ଣ୍ଣ ହେଉଥିବା କାର୍ଯ୍ୟଗୁଡିକର ତାଲିକା କରିପାରିବ ।
- ଶିଶୁ ଅଧିକାର ସୁରକ୍ଷାର ଆବଶ୍ୟକ ବ୍ୟାଖ୍ୟା କରିପାରିବ ।

- ଶିଶୁ ଅଧିକାର ସୁରକ୍ଷା ପାଇଁ ଥିବା ବିଭିନ୍ନ ବ୍ୟବସ୍ଥାଗୁଡିକୁ ବର୍ଣ୍ଣନା କରିପାରିବ ।
- ଶିଶୁ ଅଧିକାରର ସୁରକ୍ଷା ପାଇଁ ଶିକ୍ଷକଙ୍କର ଭୂମିକାକୁ ବ୍ୟାଖ୍ୟା କରିପାରିବ ।

ଟିପ୍ପଣୀ

## ୧୩.୨: ଶିଶୁ ଅଧିକାର ସମ୍ବନ୍ଧରେ ଧାରଣା

ବର୍ତ୍ତମାନ ଆସ ଆମେ ଶିଶୁ ଅଧିକାର କ'ଣ ତାହା ଜାଣିବା ।

### ୧୩.୨.୧: ଅଧିକାର ଏବଂ ମାନବିକ ଅଧିକାର ଅର୍ଥ

ଶିଶୁର ଅଧିକାର ବୁଝିବା ପୂର୍ବରୁ ଚାଲ ପ୍ରଥମେ ଆମେ ଅଧିକାର ଏବଂ ମାନବିକ ଅଧିକାର ଅର୍ଥ ଜାଣିବା । ନିମ୍ନରେ ଦିଆଯାଇଥିବା ଏକ ବର୍ଣ୍ଣନାକୁ ପଢିବା ।

' ରାଧା ଏବଂ ରାଫିୟା ହେଉଛନ୍ତି ଦୁଇ ସାଙ୍ଗ । ସେମାନେ ସପ୍ତମ ଶ୍ରେଣୀରେ ପାଠ ପଢନ୍ତି । ଏକ ଅପରାହ୍ନ ସମୟରେ ମଧ୍ୟାହ୍ନ ଭୋଜନ ପରେ ସେମାନେ ଯେତେବେଳେ ବିଦ୍ୟାଳୟକୁ ଯାଉଥିଲେ, ସେମାନଙ୍କର ପିତାମାତା ଶୂନ୍ୟ ପାତ୍ର/କଳସୀ ଏବଂ ବାଲ୍‌ଟି ଧରି ପଞ୍ଚାୟତ ଅଫିସ୍ ପର୍ଯ୍ୟନ୍ତ ତାଙ୍କ ସହିତ ସାଥୀ ହୋଇ ଗଲେ । ପଞ୍ଚାୟତ ଅଫିସ୍ ସମ୍ମୁଖରେ ଆଗରୁ କଳସୀ ଓ ବାଲ୍‌ଟି ଧରି ଜମା ହୋଇଥିବା ଲୋକମାନଙ୍କ ସହିତ ସେମାନଙ୍କର ପିତାମାତା ଯୋଗ ଦେଲେ ଏବଂ ଜଳ ଯୋଗାଣ ନିମନ୍ତେ ସ୍ଲୋଗାନ୍ ଦେଲେ । ରାଧା ଓ ରାଫିୟା ଏହି ଦୃଶ୍ୟକୁ ଦେଖିଲେ ତା ପରେ ସ୍କୁଲ ଯିବା ନିମନ୍ତେ ଡେରି ହେଉଥିବାରୁ ସ୍କୁଲକୁ ଦୌଡିଲେ । ଶ୍ରେଣୀରେ ଶିକ୍ଷକ ବିଳମ୍ବରେ ପହଞ୍ଚିବାର କାରଣ ପଚାରିଲେ, ସେମାନେ ପଞ୍ଚାୟତ ଅଫିସ ସାମ୍ନାରେ ଦେଖିଥିବା ଘଟଣାବଳୀ ବର୍ଣ୍ଣନା କଲେ । ଶିକ୍ଷକ ଏହି ଘଟଣା ବିଷୟରେ ଆଲୋଚନା କଲେ ଏବଂ ନିମ୍ନୋକ୍ତ କେତେକ ପ୍ରଶ୍ନ ଶ୍ରେଣୀ କକ୍ଷରେ ଉପସ୍ଥାପନା କଲେ ।

. ଶୂନ୍ୟ କଳସୀ ଓ ବାଲ୍‌ଟି ଧରି ଯିବାକୁ ଲୋକମାନଙ୍କୁ କଣ ବାଧ କରେ ?

. ସେମାନେ ପଞ୍ଚାୟତକୁ ଅନୁରୋଧ କଲେ କାହିଁକି ?

. ଲୋକମାନେ ପଞ୍ଚାୟତ ଅଫିସ ସାମ୍ନାରେ ଏକତ୍ରିତ ହୋଇପାରିବେ କି ?

ମୁଁ ନିଶ୍ଚିତ ଯେ ତୁମେ ଏସବୁ ପ୍ରଶ୍ନର ଉତ୍ତର ଜାଣିଛ । ହଁ, ଲୋକମାନଙ୍କର ଶାନ୍ତିପୂର୍ଣ୍ଣ ଉପାୟରେ ପଞ୍ଚାୟତ ଅଫିସ୍ ସମ୍ମୁଖରେ ଏକତ୍ରିତ ହେବାର ଅଧିକାର ଅଛି । ଅଧିକାରଗୁଡିକ ନିର୍ଦ୍ଦିଷ୍ଟ ସର୍ତ୍ତ ଯାହା ନ୍ୟାୟସଙ୍ଗତ ଏବଂ ଯେଉଁଗୁଡିକ ପାଇଁ ଲୋକମାନେ ହକଦାର୍ । ଅର୍ଥପୂର୍ଣ୍ଣ ସହବସ୍ଥାନ ନିମିତ୍ତ ସେଗୁଡିକ ମୌଳିକ ଏବଂ ଅତ୍ୟାବଶ୍ୟକୀୟ ରୂପେ ବିବେଚିତ ଏବଂ ଯାହା ଲୋକମାନଙ୍କୁ ପ୍ରଦାନ କରାଯାଇଛି । ଅଧିକାରଗୁଡିକ ହେଉଛି ସେହି ସ୍ୱାଧୀନତା, ଯାହା ବ୍ୟକ୍ତିଗତ ଓ ସାମୂହିକ କଲ୍ୟାଣ ନିମନ୍ତେ ଅତ୍ୟାବଶ୍ୟକ । ଉପରୋକ୍ତ ବର୍ଣ୍ଣନାରୁ ଆମେ ବର୍ତ୍ତମାନ ଲୋକମାନଙ୍କର ଅଧିକାରକୁ ଚିହ୍ନଟ କରିପାରିବା କି ? ତୁମେ ଜାଣିଥିବା ଯେକୌଣସି ୨ଟି ଅଧିକାରକୁ ଉଲ୍ଲେଖ କରିପାରିବ କି ?

୧.......................................................................................................

.........................................................................................................

୨.......................................................................................................

.........................................................................................................

ଟିପ୍ପଣୀ

ତୁମେ ସେଗୁଡିକ ଏଭଳି ଲେଖିବ ଯେ, 'ଲୋକମାନେ ଜଳଯୋଗାଣ ପାଇଁ ଦାବି କରିପାରିବେ', 'ଲୋକମାନେ ଶାନ୍ତିପର୍ଣ୍ଣ ଭାବେ ଏକତ୍ରିତ ହୋଇପାରିବେ' ଇତ୍ୟାଦି । ତୁମେ ଲେଖିଛ କି ? ତେବେ ତୁମେ ଠିକ୍ ଅଛ । ତୁମେ ପଢିଛ ଯେ ସମ୍ବିଧାନ ଦ୍ୱାରା ପ୍ରଦତ୍ତ ଅଧିକାରଗୁଡିକୁ ଭାରତର ନାଗରିକମାନେ ମୌଳିକ ଅଧିକାର ଭାବେ ଉପଭୋଗ କରନ୍ତି । ନିମ୍ନରେ ତାହା ପ୍ରଦତ୍ତ:

- ସମାନତା ଅଧିକାର
- ସ୍ୱାଧୀନତା ଅଧିକାର
- ଶୋଷଣ ବିରୋଧୀ ଅଧିକାର
- ଧର୍ମଗତ ସ୍ୱାଧୀନତା ଅଧିକାର
- ସାଂସ୍କୃତିକ ଏବଂ ଶିକ୍ଷାଗତ ଅଧିକାର
- ସାମ୍ବିଧାନିକ ପ୍ରତିକାରଗତ ଅଧିକାର

ନିମ୍ନରେ ଦିଆଯାଇଥିବା ଚିତ୍ରଗୁଡିକ ଦେଖ ଏବଂ ଲୋକମାନେ ଉପଭୋଗ କରୁଥିବା ଅଧିକାରର ନାମ ଲେଖ ।



ନାଚର ଛବି

................ଅଧିକାର



ପୂଜା କରୁଥିବାର ଛବି

............ଅଧିକାର



ଶିଶୁ ଶ୍ରମିକର ଛବି

.................ଅଧିକାର

ଉପରୋକ୍ତ ସମସ୍ତ ଅଧିକାର ଗୁଡିକ ମାନବିକ ଅଧିକାର ଅଟେ । ସେଗୁଡିକ ପ୍ରତ୍ୟେକ ବ୍ୟକ୍ତି ପାଇଁ ମଣିଷ ଭଳି ଅର୍ଥପୂର୍ଣ୍ଣ ଜୀବନଧାରଣ ନିମନ୍ତେ ଅତି ଆବଶ୍ୟକ । ତେଣୁ ସେଗୁଡିକୁ ଆମେ ମାନବୀୟ ଅଧିକାର ବୋଲି କହୁ । ପୃଥିବୀର ସମସ୍ତ ଲୋକ ସେହି ଅଧିକାରଗୁଡିକୁ ଉପଭୋଗ କରନ୍ତି । ଏହାକୁ ନିଶ୍ଚିତ କରିବା ନିମିତ୍ତ ମିଳିତ ଜାତିସଂଘ ୧୯୪୮ ମସିହା ଡିସେମ୍ବର ୧୦ ତାରିଖରେ ୟୁ.ଏନ୍.ଡି.ଏଚ୍.ଆଇ(UNDHR)ୟୁନିଭର୍ସସାଲ ଡିକ୍ଲାରେନ୍ସ ଅଫ୍ ହ୍ୟୁମାନ ରାଇଟ୍‌ସକୁ ସରକାରୀ ସ୍ତରରେ ଘୋଷଣା କରିବା ସହିତ ଏହି କାର୍ଯ୍ୟକ୍ରମକୁ ଗ୍ରହଣ କଲେ । ଏହା ମାନବିକ ଅଧିକାରର ତାଲିକାକୁ ଅର୍ନ୍ତଭୁକ୍ତ କରିଥାଏ, ଯାହା ସମସ୍ତ ଦେଶ ଏବଂ ସମସ୍ତ ନାଗରିକମାନଙ୍କ ପାଇଁ ଉପଲବ୍ଧ ଏକ ସାଧାରଣ ମାନଦଣ୍ଡ ପ୍ରଦାନ କରିଥାଏ ଏବଂ ନିଜର ସଦସ୍ୟ ଦେଶମାନଙ୍କୁ ଏହାକୁ ପ୍ରଦାନ କରିବା ପାଇଁ କହିଥାଏ । ଏହି ଘୋଷଣାନାମାର ବିଶ୍ୱବ୍ୟାପୀ ଐତିହାସିକ ମହତ୍ତ୍ୱ ବିଚାର କରି ଆମେ ପ୍ରତିବର୍ଷ ଡିସେମ୍ବର ୧୦ ତାରିଖକୁ ମାନବିକ ଅଧିକାର ଦିବସ ରୂପେ ପାଳନ କରୁ ।

ଆମେ ଦେଶ ୟୁ.ଡି.ଏଚ୍. ଆର୍ ଘୋଷଣାନାମରେ ଚୁକ୍ତିବଦ୍ଧ । ତେଣୁ ପ୍ରତ୍ୟେକ ନାଗରିକକୁ ସୁରକ୍ଷା ପ୍ରଦାନ କରିବା ଆମ ଭାରତ ସରକାରଙ୍କର ନୈତିକ ଦାୟିତ୍ୱ । ଏସବୁ ସତ୍ତ୍ୱେ ଆମ ଦେଶର ଲୋକମାନଙ୍କର ଅଧିକାର କ୍ଷୁର୍ଣ୍ଣ ହେବା ଭଳି ବହୁ ଘଟଣା ସାମ୍ନାକୁ ଆସିଥାଏ । ତୁମେ କାହାକୁ ଉଲ୍ଲଙ୍ଘନକାରୀ ବୋଲି ଭାବୁଛ । ଏହା ଲୋକ ସଂଗଠନ କିମ୍ବା ସରକାରଙ୍କର ହୋଇପାରିନି । ଯଦି ଏହା ହୁଏ, ତେବେ ଏହି ଅଧିକାରକୁ କିଏ ସୁରକ୍ଷା ଦେବାକୁ ଯାଉଛି ? ଭାରତ ତାର ସଂଘୀୟ ଢାଞ୍ଚା ସହ କେନ୍ଦ୍ରସ୍ତରରେ ଦ୍ୱାରା 'ଜାତୀୟ ମାନବିକ ଅଧିକାର ସୁରକ୍ଷା ଆୟୋଗ

(NCPR )' ଏବଂ ରାଜ୍ୟସ୍ତରରେ ରାଜ୍ୟ ମାନବିକ ଅଧିକାର ସୁରକ୍ଷା ଅୟୋଗ (SCPHR) ରହିଛି । ଜିଲ୍ଲାସ୍ତରରେ ମଧ୍ୟ କାର୍ଯ୍ୟାଳୟମାନ ମାନବିକ ଅଧିକାରକୁ ସୁରକ୍ଷା ପ୍ରଦାନ ନିମନ୍ତେ କାର୍ଯ୍ୟ କରୁଛି । ନିଜ ଆଡୁ ହେଉ ଅବା ଅଭିଯୋଗ ଆସିଲେ ଏହି ସଂସ୍ଥାଗୁଡିକ ଉଲଘଂନ ଘଟଣାଗୁଡିକୁ ଗ୍ରହଣ କରେ ଏବଂ ଅଧିକାରଗୁଡ଼ିକୁ ସୁରକ୍ଷା ଦିଏ । ତୁମ ଅଞ୍ଚଳରେ ମାନବୀୟ ଅଧିକାର କ୍ଷୁର୍ଣ୍ଣ ହେବା ଭଳି କେତେକ ଘଟଣା ତୁମର ଦୃଷ୍ଟିଗୋଚର ହେଉଥିବ । ଯେକୌଣସି ଗୋଟିଏ ଘଟଣା ସମ୍ପର୍କରେ ସୂଚନା ସଂଗ୍ରହ କରିବା ପାଇଁ ଚେଷ୍ଟା କର ଏବଂ ଏହା କିପରି ସୁରକ୍ଷିତ ହେଲା ଖୋଜି ବାହାର କର ।

## ନିଜ ଅଗ୍ରଗତି ଆକଳନ-୧

୧. ନିମ୍ନରେ କେତେକ ଉକ୍ତି ଦିଆଯାଇଛି । ଏହି ଉକ୍ତିଗୁଡିକ ମଧ୍ୟରୁ ଅଧିକାରର ଲକ୍ଷଣକୁ ସୂଚାଉଥିବା ଉକ୍ତି ପାଖରେ ଠିକ୍ ଚିହ୍ନ ଦିଅ ।

- ସେଗୁଡିକ ଲୋକମାନଙ୍କୁ ପ୍ରଦାନ କରାଯାଇଥାଏ ।
- ଏକ ସମୃଦ୍ଧ ଜୀବନଧାରଣା ନିମନ୍ତେ ଲୋକମାନଙ୍କୁ ପ୍ରସ୍ତୁତ କରାଏ ।
- ସେମାନଙ୍କ ନିଜ ଇଚ୍ଛା ଅନୁସାରେ ଜୀବନଧାରଣା କରିବାରେ ଲୋକମାନଙ୍କୁ ସାହାଯ୍ୟ କରେ ।
- ଲୋକମାନେ ସେମାନଙ୍କର ଅଧିକାର ସୁରକ୍ଷା ନିମନ୍ତେ ଦାବି କରିପାରିବେ ।

୨. ଶୁନ୍ୟସ୍ଥାନଗୁଡ଼ିକ ପୂରଣ କର ।

- ଅଧିକାର ଗୁଡିକ ସମସ୍ତ ........ଙ୍କ ପାଇଁ ଉପଲବ୍ଧ କରିବାକୁ ହେବ ।
- UNDHRର ପୂରା ନାମ କଣ.......................................................................
- ମାନବିକ ଅଧିକାର ଦିବସ ପ୍ରତିବର୍ଷ...........................ମାସ.............. ତାରିଖରେ ପାଳନ କରାଯାଏ ।
- ମାନବିକ ଅଧିକାର ସୁରକ୍ଷା ନିମିତ୍ତ ରାଜ୍ୟସ୍ତରରେ ସୃଷ୍ଟି କରାଯାଉଥିବା ସଂସ୍ଥାର ନାମ ............

## ୧୩.୨.୨- ଶିଶୁର ଅଧିକାର

ପୂର୍ବ ଉପବିଭାଗରେ ତୁମେ ଅଧିକାର, ଏବଂ ମାନବିକ ଅଧିକାର ସମ୍ବନ୍ଧରେ ପଢିଛ । ଏହି ଭାଗରେ ଆମେ ଶିଶୁ କିଏ, ଶିଶୁର ଅଧିକାରଗୁଡିକ କଣ ଓ ଶିଶୁ ଅଧିକାରର ଆବଶ୍ୟକତା ବିଷୟରେ ପଢିବା । ଆସ ଆମେ ବର୍ତ୍ତମାନ ଏକ ଘଟଣା ମାଧ୍ୟମରେ ଶିଶୁ କିଏ, ତାହା ଜାଣିବା ।

ପିତାମାତା ଦୁଇ ପିଲା ଜନ୍ ଓ ଜେନିଙ୍କୁ ନେଇ ଏକ ପରିବାର । ଜନ୍‌କୁ ୧୯ ବର୍ଷ ହୋଇଥିବା ବେଳେ ଜେନିକୁ ୧୨ ବର୍ଷ । ଦିନେ ସଂଧ୍ୟା ସମୟରେ ପିଲା ଦୁଇଜଣ ତାଙ୍କ ମା'ବାପାଙ୍କୁ ସିନେମା ହଲ୍‌ରେ ଚାଲୁଥିବା ଏକ ବିଭୀଷିକା(ହରର୍) ଫିଲ୍ମ ଦେଖାଇ ନେବାକୁ ବାଧ୍ୟ କଲେ । ମା ଜାଣିଥିଲେ ଯେ ବିଭୀଷିକା ଚଳଚ୍ଚିତ୍ର ପିଲାମାନେ ଦେଖିବା ଉଚିତ୍ ନୁହେଁ । ଯେହେତୁ ଜେନି ମାତ୍ର ୧୨ ବର୍ଷର, ତେଣୁ ମା' ପିଲାମାନଙ୍କୁ ଏକ ଶିଶୁ ସୁଲଭ ଚଳଚ୍ଚିତ୍ର ଦେଖାଇ ନେବାକୁ ପ୍ରସ୍ତାବ ଦେଲେ ଯାହାର ଅନେକଗୁଡିଏ କୌତୁକ ଥିଲା । ଜନ୍ ଓ ଜେନି ରାଜି ହୋଇଗଲେ ଓ ସମସ୍ତେ 'ବେବିସ୍ ଡେ ଆଉଟ୍' ନାମକ ଏକ ଶିଶୁ ଚଳଚ୍ଚିତ୍ର ଦେଖିବାକୁ ଗଲେ । ଆସ ଆମେ ଉପରୋକ୍ତ ଘଟଣାକୁ ବିଶ୍ଳେଷଣ କରିବା ।

ମା କାହିଁକି ଜେନିକୁ ବିଭୀଷିକାମୟ ଚଳଚ୍ଚିତ୍ର ଦେଖିବାକୁ ମନା କଲେ ?

ଆଶା କରୁଛୁ ତୁମେ ଏହି ପ୍ରଶ୍ନର ଉତ୍ତର ପାଇସାରିଥିବ । ବିଭୀଷିକାମୟ ଚଳଚ୍ଚିତ୍ରଗୁଡିକ ଭୟ ଓ ବିଷାଦଯୁକ୍ତ



ଟିପ୍ପଣୀ

ଏବଂ ଏହା ପିଲାଙ୍କ ମନରେ କୁପ୍ରଭାବ ପକାଇଥାଏ । ତେଣୁ ଏହି ଚଳଚ୍ଚିତ୍ର ଦେଖିବା ପିଲାଙ୍କ ପାଇଁ ଉପଯୁକ୍ତ ନୁହେଁ । ସାଧାରଣତଃ ୧୮ ବର୍ଷରୁ କମ୍ ପ୍ରତ୍ୟେକ ମଣିଷ ହେଉଛନ୍ତି ଶିଶୁ । ଶିଶୁମାନେ ଗୁରୁତ୍ୱପୂର୍ଣ୍ଣ ଭବିଷ୍ୟତ ମାନବ ସମ୍ବଳ ଏବଂ ସେମାନଙ୍କୁ ସ୍ୱତନ୍ତ୍ର ସୁରକ୍ଷା ପ୍ରଦାନ କରାଯିବା ଆବଶ୍ୟକ ।

ଶିକ୍ଷା ମାଧ୍ୟମରେ ସାରା ବିଶ୍ୱରେ ପିଲାମାନଙ୍କର ସ୍ଥିତିକୁ ମଧ୍ୟ ଉନ୍ନତ କରିବା ଆବଶ୍ୟକ ଅଟେ । ବିଭିନ୍ନ କାରଣରୁ ସାରା ବିଶ୍ୱର ଅଧିକାଂଶ ଭାଗରେ ପିଲାମାନଙ୍କର ସ୍ଥିତି ଜଟିଳ ଥିବାରୁ ପିଲାମାନଙ୍କର ଉନ୍ନତି ଓ ଏବଂ ସର୍ବାଙ୍ଗିନ ବିକାଶର ପ୍ରୋତ୍ସାହନ ନିମନ୍ତେ ଆବଶ୍ୟକତା ଅନୁଭୂତି ହେଲା, ଉପଯୁକ୍ତ ପରିବେଶ ସୃଷ୍ଟି କରିବା । ଏହା ହାସଲ କରିବାର ଏକ ଉପାୟ ଯେଉଁଠାରେ ପିଲାମାନେ ପିଲାମାନଙ୍କ ଭଳି ବଢିବାରେ ସୁଯୋଗମାନ ପାଆନ୍ତି । ନିମ୍ନୋକ୍ତେ ଛବିଗୁଡିକୁ ଦେଖ । ବାଲ୍ୟକାଳର ଉପଭୋଗ ନିମନ୍ତେ ଏଗୁଡିକର ଅବଦାନ ନାହିଁ କି ? ପ୍ରତ୍ୟେକ ପିଲାର ଏସବୁ ଅଧିକାର ରହିଛି । ଅଧିକାରଗୁଡିକୁ ଚିହ୍ନଟ କର । ତଳେ ଦିଆଯାଇଥିବା ପ୍ରତ୍ୟେକ ଛବିର ଖାଲି ସ୍ଥାନରେ  ଲେଖ ।







(ପିଲାମାନେ ଖେଳୁଛନ୍ତି)    (ପିଲାମାନେ ବିଦ୍ୟାଳୟକୁ ଯାଉଛନ୍ତି)  (ପିଲାମାନେ ପୁଷ୍ଟିକର ଖାଦ୍ୟ ଖାଉଛନ୍ତି)

----------ଅଧିକାର    -----------ଅଧିକାର    ----------ଅଧିକାର

ଉପରୋକ୍ତ ପରିସ୍ଥିତି ପାଇଁ ତୁମେ ହୁଏତ ଖେଳ, ଶିକ୍ଷା ଏବଂ ଖାଦ୍ୟ ଲେଖିଥିବ । ତୁମେ ଠିକ୍ ଅଛ । ମାତ୍ର ପିଲାମାନଙ୍କର ଅଧିକାରଗୁଡିକ ଏତିକିରେ ସିମୀତ ନୁହେଁ । ଆଉ ଅନ୍ୟ କେତେକ ଅଧିକାର ରହିଛି । ସେଥିମଧ୍ୟରୁ କେତେଗୁଡିଏ ଅଧିକାରର ତାଲିକା ନିମ୍ନରେ ଦିଆଗଲା ।

- ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ପାଇବା
- ମତ ପ୍ରକାଶ କରିବାର ସ୍ୱାଧୀନତା ରହିବା
- ପିଲାର ଇଚ୍ଛା ବିରୋଧରେ ପିତାମାତାଙ୍କଠାରୁ ଅଲଗା ନ ହେବା
- ପିତାମାତାଙ୍କ ଦ୍ୱାରା ଲାଳିତପାଳିତ ହେବା
- ନିଜର ପରିଚୟ ସୃଷ୍ଟି କରିବା
- ମାତୃଭାଷାରେ ମୌଳିକ ଶିକ୍ଷା ପାଇବା
- ଜୀବନ ଧାରଣର ଅଧିକାର
- ସମସ୍ତ ପ୍ରକାରର ଶୋଷଣରୁ ରକ୍ଷା କରିବା
- ଶାରୀରିକ ଦଣ୍ଡରୁ ରକ୍ଷା କରିବା
- ଅତ୍ୟାଚାର କିମ୍ବା ନିଷ୍ଠୁର ଆମାନୁଷିକ କିମ୍ବା ଦଣ୍ଡଯୁକ୍ତ କିମ୍ବା ସମ୍ମାନ ହାନୀ ଘଟିଲା ପରି କୌଣସି କାର୍ଯ୍ୟ ନ କରିବା ।
- ଖେଳ, ଅବସର ବିନୋଦ ତଥା ବିଶ୍ରାମ ନେବାର ଅଧିକାର
- ନିଶାଦ୍ରବ୍ୟ ଏବଂ ମାନସିକ ପ୍ରକ୍ରିୟାକୁ ପ୍ରଭାବିତ କରୁଥିବା ପଦାର୍ଥର ଅନୈତିକ ବ୍ୟବହାରରୁ ସୁରକ୍ଷା ଏବଂ

ଟିପ୍ପଣୀ

ଏହି ପଦାର୍ଥ ଗୁଡିକର ଉତ୍ପାଦନ ଓ ସ୍ଥାନାନ୍ତରରେ ପିଲାମାନଙ୍କ ନିୟୋଜନକୁ ପ୍ରତିରୋଧ କରିବା । ସମଗ୍ର ଜନସାଧାରଣ, ବିଦ୍ୟାଳୟ, ଅନୁଷ୍ଠାନ ଏବଂ ସରକାର ଏହା ନିଶ୍ଚିତ କରିବା ଦରକାର ଯେ ଉପର ସୂଚିତ ଅଧିକାରଗୁଡିକରୁ ପିଲାମାନେ ବଞ୍ଚିତ ନୁହଁନ୍ତି । ଏହି ଦିଗରେ ଅନ୍ତର୍ଜାତୀୟସ୍ତରରେ ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରାଯାଇଛି । ପରବର୍ତ୍ତୀ ଉପ-ଏକକରେ ଏସବୁ ବିଷୟରେ ଅଧ୍ୟୟନ କରିବା ।

**ନିଜ ଅଗ୍ରଗତି ଆକଳନ-୨**

୧. ଉକ୍ତିଗୁଡିକ ଠିକ୍ କିମ୍ବା ଭୁଲ୍ ଲେଖ । ଠିକ୍ ଉକ୍ତି ପାଖରେ ଠିକ୍ ଚିହ୍ନ ଓ ଭୁଲ୍ ଥିଲେ ଭୁଲ୍ ଚିହ୍ନ ଦିଅ ।

କ. ଗୋଟିଏ ଶିଶୁର ସର୍ବୋଚ୍ଚ ବୟସ ସୀମା ୧୮ ଅଟେ ।

ଖ. ଅନ୍ୟମାନଙ୍କୁ କୁଭାଷା ପ୍ରୟୋଗ କରିବା ପାଇଁ ଶିଶୁର ସ୍ୱାଧୀନତା ରହିଛି ।

ଗ. ଶିଶୁର ଅଧିକାରକୁ ସର୍ବଦା ସମ୍ମାନ ଦେବା ଆବଶ୍ୟକ ନୁହେଁ ।

ଘ. ବିଶ୍ୱର ଅଧିକାଂଶ ଭାଗରେ ଶିଶୁମାନେ ନିରାପଦ ନୁହଁନ୍ତି ।

ଙ. ସରକାର ଶିଶୁମାନଙ୍କର ମଙ୍ଗଳ ନିମନ୍ତେ କାର୍ଯ୍ୟ କରିବାକୁ ବାଧ୍ୟ ।

୨. ନିମ୍ନଲିଖିତ ଉକ୍ତିଗୁଡିକ ମଧ୍ୟରୁ କେଉଁଟି ଶିଶୁର ଅଧିକାର । ଠିକ୍ ଚିହ୍ନ ଦେଇ ସୂଚାଅ ।

କ. ଅବସର ସମୟ ପାଇବା

ଖ. ପରିବାରରେ ବାସ କରିବା

ଗ. ଯେକୌଣସି ପ୍ରକାରର କାର୍ଯ୍ୟ କରିବା

ଘ. ଶୋଷଣରୁ ସୁରକ୍ଷା ପ୍ରଦାନ କରିବା

ଙ. ଶିକ୍ଷା ପାଇବା

## ୧୩.୨.୩- ଶିଶୁ ଅଧିକାର ନିମନ୍ତେ ମିଳିତ ଜାତିସଂଘର ପଦକ୍ଷେପ

ମିଳିତ ଜାତିସଂଘ ଏକ ଆନ୍ତର୍ଜାତୀୟ ଅନୁଷ୍ଠାନ ଏବଂ ଏହା କାର୍ଯ୍ୟକାରୀ ହେବା ଦିନଠାରୁ ବିଶ୍ୱର ଶିଶୁମାନଙ୍କର ଅଧିକାର ସୁରକ୍ଷା ଦିଗରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଆସୁଛି । ମିଳିତ ଜାତିସଂଘର ବିଭିନ୍ନ ପଦକ୍ଷେପ ମଧ୍ୟରେ ଶିଶୁ ପ୍ରତି ନିର୍ଦ୍ଦିଷ୍ଟ ଯତ୍ନର ସଂପ୍ରସାରଣ ଆବଶ୍ୟକତା ଏହା ସୂଚିତ କରିଥାଏ । ୟୁ.ଡି.ଏଚ୍. ଆର୍ (universal declaration of human rights) ୧୯୪୮ ମସିହାରେ ଶିଶୁମାନଙ୍କର ଅଧିକାରକୁ ସ୍ୱୀକୃତି ହେଲା । ସାଧାରଣ ଦ୍ୱାରା ଶିଶୁ ଅଧିକାର ଘୋଷଣାନାମା ୧୯୫୯ ମସିହାରେ ଗୃହୀତ ହେଲା ।୧୯୬୬ ମସିହା ସାଧାରଣ ଅଧିବେଶନ ଦ୍ୱାରା ନାଗରିକ ଓ ରାଜନୈତିକ ଅଧିକାର ଉପରେ ଆନ୍ତର୍ଜାତିକ ଚୁକ୍ତି ଗୃହୀତ ହୋଇଥିଲା । ୧୯୬୬ ମସିହାରେ ସାଧାରଣ ଅଧିବେଶନ ଦ୍ୱାରା ଆର୍ଥିକ, ସାମାଜିକ ଏବଂ ସାଂସ୍କୃତିକ ଅଧିକାର ଉପରେ ଗୃହୀତ ହୋଇଥିବା ଆନ୍ତର୍ଜାତୀୟ ଚୁକ୍ତି ମଧ୍ୟ ଶିଶୁ ଅଧିକାରକୁ ସମର୍ଥନ କରିଥାଏ । ଏହି ସଂସ୍ଥା ମଧ୍ୟରୁ ୧୯୮୯ ମସିହାରେ ଗୃହୀତ ହୋଇଥିବା ଶିଶୁ ଅଧିକାର ଉପରେ ସମ୍ମିଳନୀ ଏକ ବିଳିଷ୍ଟ ପଦକ୍ଷେପ । ଶିଶୁ ଅଧିକାର ସମ୍ମିଳନୀର ଖସଡା ମାନବିକ ଅଧିକାର ଆୟୋଗ ଦ୍ୱାରା ପ୍ରସ୍ତୁତ ହୋଇଥିଲା । ଏହି ସମ୍ମିଳନୀ ୧୯୮୯ ନଭେମ୍ବର ୨୦ ତାରିଖରେ ମିଳିତ ଜାତିସଂଘର ସାଧାରଣ ଅଧିବେଶନରେ ଗୃହୀତ ଓ ୧୯୯୦ ମସିହା ସେପ୍ଟେମ୍ବର ୨ ତାରିଖରୁ ବିଭିନ୍ନ ସଦସ୍ୟ ଦେଶମାନଙ୍କ ଦ୍ୱାରା ଗୃହୀତ, ଅନୁମୋଦିତ ଓ ସ୍ୱାକ୍ଷରିତ ହୋଇ କାର୍ଯ୍ୟକାରୀ ହେଲା ।

ଶିଶୁ କିଏ, କେଉଁ ଗୁଡ଼ିକ ଶିଶୁ ଅଧିକାର ଅଟେ । ଶିଶୁଟି ନିଜର ଅଧିକାର ଉପଭୋଗ କରିବାର ସୁଯୋଗ ଦେବା ନିମିତ୍ତ କିପରି ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ହେବ, ତାହା ସମ୍ମିଳନୀ ସ୍ପଷ୍ଟ ଭାବେ ସୂଚିତ କରିଛି । ଅନ୍ୟ ଅର୍ଥରେ କହିବାକୁ ଗଲେ, କୌଣସି ପରିସ୍ଥିତିରେ ଶିଶୁର ଅଧିକାର କ୍ଷୁର୍ଣ୍ଣ କରାଯାଇପାରିବ ନାହିଁ । ଏହି ସମ୍ମିଳନୀରେ ସ୍ୱାକ୍ଷର କରିଥିବା ଦେଶଗୁଡ଼ିକ ନିଜ ନିଜ ଦେଶର ଶିଶୁମାନେ ସେମାନଙ୍କ ଅଧିକାରରୁ ବଞ୍ଚିତ ହେଉନାହାଁନ୍ତି । ତାହା ନିଶ୍ଚିତ କରିବା ସେମାନଙ୍କର ଦାୟିତ୍ୱ ଅଟେ । ଭାରତ ଏହି ସମ୍ମିଳନୀରେ ସ୍ୱାକ୍ଷର କରିଛି ଏବଂ ଭାରତରେ ବାସ କରୁଥିବା ସମସ୍ତ ଶିଶୁମାନଙ୍କୁ ଅଧିକାର ପ୍ରଦାନ କରିବା ନିମିତ୍ତ ସମସ୍ତ ପ୍ରଚେଷ୍ଟା କରୁଛି ।

ମିଳିତ ଜାତିସଂଘର ଏବଂ ଆନ୍ତର୍ଜାତିକ ସଂଗଠନମାନଙ୍କରେ ସ୍ୱତନ୍ତ୍ର ସଂସ୍ଥାମାନଙ୍କର ରହିଛି ଯେଉଁଗୁଡ଼ିକ ଶିଶୁମାନଙ୍କର ମଙ୍ଗଳ ନିମନ୍ତେ କାର୍ଯ୍ୟ କରୁଛନ୍ତି । ସଂଗଠନଗୁଡ଼ିକ ଯଥା: UNESCO, UNICEF, WHO, ILOର ନୀତି ଓ କାର୍ଯ୍ୟକ୍ରମ ହେଉଛି ବିଶ୍ୱର ସମସ୍ତ ଶିଶୁମାନଙ୍କର ମଙ୍ଗଳ ଓ ଉନ୍ନତି ନିମନ୍ତେ କାର୍ଯ୍ୟ କରିବା ।

ଶିଶୁର ସୁରକ୍ଷା ଦିଗରେ ଏହି ସଂଗଠନ ଏବଂ ସଂସ୍ଥାଗୁଡ଼ିକର ବିଭିନ୍ନ ପ୍ରଚେଷ୍ଟା ଚାଲୁ ରଖିଥିବା ବିଷୟରେ ତୁମେମାନେ ଜାଣିବାକୁ ନିଶ୍ଚିତ ଭାବେ ଆଗ୍ରହୀ ହେବ । ସେଗୁଡ଼ିକୁ ଜାଣିବାକୁ ଚେଷ୍ଟା କରିବ ।

**ନିଜ ଅଗ୍ରଗତି ଆକଳନ-୩**

ଶୂନ୍ୟସ୍ଥାନଗୁଡ଼ିକ ପୂରଣ କର ।

୧. କମିଶନଙ୍କ ଦ୍ୱାରା .........................ରେ ଶିଶୁ ଅଧିକାର ସମ୍ମିଳନୀ ଖସଡ଼ା ପ୍ରସ୍ତୁତ ହୋଇଥିଲା ।

୨. ଶିଶୁ ଅଧିକାର ସମ୍ମିଳନୀ ...........................ମସିହାରୁ କାର୍ଯ୍ୟକାରୀ ହେଲା ।

୩. ଶିଶୁ ଅଧିକାର ସମ୍ମିଳନୀ..................ଶିଶୁ କିଏ,........................ଏବଂ ଶିଶୁ ଅଧିକାର ସୁରକ୍ଷା ନିମନ୍ତେ କିପରି ଅନୁକୂଳ ପରିବେଶ ସୃଷ୍ଟି କରିବା ଆଦିକୁ ଅନ୍ତର୍ଭୁକ୍ତ କରିଥାଏ ।

୪. ମିଳିତ ଜାତିସଂଘର ଦୁଇଟି ............... ଓ .................ଯାହା ପିଲାମାନଙ୍କର ମଙ୍ଗଳ ପାଇଁ ଉଦ୍ଦିଷ୍ଟ ।

## ୧୩.୩.୪- ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ନିମନ୍ତେ ଶିଶୁର ଅଧିକାର ଅଧିନିୟମ ୨୦୦୯ ଏବଂ ଶିଶୁର ଅଧିକାର:

ପୂର୍ବ ଉପଏକକରେ ଶିଶୁ ଅଧିକାର ଉପରେ ମିଳିତ ଜାତିସଂଘର ପଦକ୍ଷେପ ସମ୍ପର୍କରେ ତୁମେମାନେ ପଢ଼ିଛ, ତୁମେ ଜାଣିଛ ଯେ ଶିଶୁର ବିଭିନ୍ନ ଅଧିକାର ମଧ୍ୟରୁ ଶିକ୍ଷା ଅଧିକାର ଏକ ଗୁରୁତ୍ୱପୂର୍ଣ୍ଣ ଅଧିକାର । ଯାହା ବି ହେଉ ଆମ ଦେଶରେ ବିଦ୍ୟାଳୟ ଯାଉଥିବା ବୟସର ଅଧିକାଂଶ ପିଲା ବିଦ୍ୟାଳୟରେ ନାହାଁନ୍ତି । ପ୍ରାରମ୍ଭିକ ସ୍ତରର ମାଗଣା ଶିକ୍ଷା ପ୍ରଦାନ ସତ୍ତ୍ୱେ କାହିଁକି ବିଦ୍ୟାଳୟରେ ନାହାଁନ୍ତି । ତାର କାରଣ ଚିନ୍ତା କର । ବିଦ୍ୟାଳୟକୁ ଯାଉ ନଥିବା ପିଲାମାନେ ତୁମ ଅଞ୍ଚଳରେ ଅଛନ୍ତି କି? ଏହାର କାରଣ କ'ଣ ହୋଇପାରେ? ନିମ୍ନରେ ତାର ତାଳିକା ପ୍ରଦାନ କର ।

----------------------------------------------------------------------------

----------------------------------------------------------------------------

ଗୋଟିଏ କାରଣ ଏହା ହୋଇପାରେ ଯେ, ପିତାମାତା କିମ୍ବା ଗୋଷ୍ଠୀ ଶିକ୍ଷାକୁ ଗୁରୁତ୍ୱର ସହ ନେଇ ନାହାଁନ୍ତି । ଯେତେବେଳେ ୧୯୪୯ ମସିହାରେ ସମ୍ବିଧାନ ଗଠନ ହେଲା, ଧାରା ୪୫ରେ ଏହା ଉଲ୍ଲେଖ ହୋଇଛି ଯେ, ସମ୍ବିଧାନ ପ୍ରଣୟନ ହେବାର ୧୦ ବର୍ଷ ମଧ୍ୟରେ ପ୍ରତ୍ୟେକ ରାଜ୍ୟ ୧୪ ବର୍ଷ ବୟସ ସମାପ୍ତ ହେବା ପର୍ଯ୍ୟନ୍ତ

ଟିପ୍ପଣୀ

ପ୍ରତ୍ୟେକ ପିଲାଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବା ବ୍ୟବସ୍ଥା କରିବେ । କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ଏହା ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟକାରୀ ହୋଇପାରିନାହିଁ ।

ଶିକ୍ଷା ଯେକୌଣସି ଦେଶର ଏକ ମୌଳିକ ଆବଶ୍ୟକତା ଅଟେ । ଅଧିକନ୍ତୁ ଆମ ଭଳି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହାର ଆବଶ୍ୟକତା ଯଥେଷ୍ଟ ଅଧିକ । ଲୋକମାନେ ଯଦି ଶିକ୍ଷା ଅଧିକାରରୁ ବଞ୍ଚିତ ହେବେ, ତେବେ ଗଣତନ୍ତ୍ର ଅଚଳ ବା ଅକାମୀ ହୋଇପଡିବ । ଏଣୁ ପ୍ରାରମ୍ଭିକ ଶିକ୍ଷାର ସାର୍ବଜନୀନକରଣ ନିମନ୍ତେ ବିଭିନ୍ନ ପ୍ରକାରର ପଦକ୍ଷେପ ଗ୍ରହଣ କରାଯାଇଛି । ଶିଶୁର ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଅଧିନିୟମ, ୨୦୦୯ (RTE) ଏହି ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ । ଏହା ୨୦୧୦ ମସିହା ଏପ୍ରିଲ ୧ ତାରିଖରୁ କାର୍ଯ୍ୟକାରୀ ହୋଇଆସୁଅଛି । ସେହି ଦିନଠାରୁ ପ୍ରାରମ୍ଭିକ ଶିକ୍ଷା ଏକ ମୌଳିକ ଅଧିକାର ଭାବେ ପରିଗଣିତ ହେଲା ।

୬ରୁ ୧୪ ବର୍ଷ ବୟସର ସମସ୍ତ ପିଲାମାନଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ କରିବା ଏବଂ ସାମ୍ବିଧାନିକ ମୂଲ୍ୟବୋଧ ଅନୁରୂପ ପାଠ୍ୟକ୍ରମ ପ୍ରସ୍ତୁତ କରିବା ଶିକ୍ଷା ଅଧିକାର ଅଧିନିୟମ ଆବଶ୍ୟକତା କରେ । ବିଦ୍ୟାଳୟ ନିମନ୍ତେ ସ୍ୱତନ୍ତ୍ର ମାର୍ଗଦର୍ଶୀ ପ୍ରସ୍ତୁତ କରି ଏବଂ ଗୁଣାତ୍ମକ ଶିକ୍ଷକ ପ୍ରଦାନ କରି ଏହା ଗୁଣାତ୍ମକ ଶିକ୍ଷା ଦିଗରେ ଲକ୍ଷ୍ୟ ରଖିଥାଏ । ଏହି ଅଧିନିୟମ ସାମାଜିକ ସଂସ୍କାର ତଥା ଶିଶୁ ସୁରକ୍ଷା ନିମନ୍ତେ ପଦକ୍ଷେପ ନେଇଥାଏ । ଏହା ମଧ୍ୟ ପରୀକ୍ଷାର ତାଡ଼ନାକୁ ହଟାଇ ଦିଏ ଏବଂ ସଭ୍ୟ ସମାଜ ପାଇଁ ଏକ ବୈଧାନିକ ଭୂମିକା ପ୍ରଦାନ କରେ । ଏହି ଅଧିନିୟମ ମଧ୍ୟ ସରକାର, ସ୍ଥାନୀୟ ସଂସ୍ଥା, ବିଦ୍ୟାଳୟ, ଶିକ୍ଷକ, ପିତାମାତା ଓ ଗୋଷ୍ଠୀର ଦାୟିତ୍ୱକୁ ସ୍ପଷ୍ଟ ଭାବେ ନିର୍ଦ୍ଧାରଣ କରିଛି ।

ଅଧିନିୟମରେ ଥିବା ବ୍ୟବସ୍ଥାଗୁଡିକ ଏକ ପୁଙ୍ଖାନୁପୁଙ୍ଖ ଅଧ୍ୟୟନ ଜଣକୁ ବୁଝାଇବାରେ ସାହାଯ୍ୟ କରିବ ଯେ ଶିକ୍ଷା ଅଧିକାର ଅଧିନିୟମ ଏବଂ ଶିଶୁର ଅଧିକାର ମଧ୍ୟରେ ଏକ ନିବିଡ଼ ସମ୍ପର୍କ ରହିଛି । ସମତା ପ୍ରଦାନ, ଆବଶ୍ୟକ ଥିବା ପିଲାଙ୍କୁ ସ୍ୱତନ୍ତ୍ର ତାଲିମ/ପ୍ରଶିକ୍ଷଣ, ଶିକ୍ଷାର୍ଥୀକେନ୍ଦ୍ରୀକ ଶିକ୍ଷା, ବ୍ୟକ୍ତିଗତ ଶୈକ୍ଷଣ ଯୋଜନା, ଶାରିରୀକ ଦଣ୍ଡ ପ୍ରଦାନ ଓ ମାନସିକ ନିର୍ଯାତନା ଉଚ୍ଛେଦ, ମୁକ୍ତ ଅଭିବ୍ୟକ୍ତି ଇତ୍ୟାଦି ନିମିତ୍ତ ଶିଶୁ ଅଧିକାର ଅଧିନିୟମ ସମାନତା ପ୍ରଦାନ କରିଥାଏ । ଏଗୁଡିକ ଶିଶୁ ଅଧିକାର ସହ ଜଡିତ । ସମସ୍ତ ଭାରତୀୟଙ୍କର ଏହା ଦେଖିବା ଦାୟିତ୍ୱ ଯେ ବିଦ୍ୟାଳୟ ଯାଉଥିବା ବୟସର ପିଲାମାନେ ବିଦ୍ୟାଳୟରେ ଅଛନ୍ତି । ବିନା ଶାରିରୀକ ଦଣ୍ଡ ଓ ମାନସିକ ନିର୍ଯାତନାରେ ଗୁଣାତ୍ମକ ଶିକ୍ଷା ପାଉଛନ୍ତି ଏବଂ ପ୍ରାରମ୍ଭିକ ଶିକ୍ଷା ସମାପ୍ତି କରୁଛନ୍ତି, ଯାହା ମାଗଣା ଓ ବାଧ୍ୟତାମୂଳକ ଅଟେ ।

**ନିଜ ଅଗ୍ରଗତି ଆକଳନ-୪**

୧. ଶୂନ୍ୟସ୍ଥାନଗୁଡିକ ପୂରଣ କର

କ.ଶିକ୍ଷା ଅଧିକାର ଅଧିନିୟମ ....................ଠାରୁ ଶିକ୍ଷା କାର୍ଯ୍ୟକାରୀ ହେଲା ।

ଖ. ଶିକ୍ଷା ଅଧିକାର ................. ଓ .............ଶିକ୍ଷା ସମସ୍ତ ପିଲାମାନଙ୍କୁ ପ୍ରଦାନ କରିଥାଏ ।

ଗ. ଶିକ୍ଷା ଅଧିକାର ଅଧିନିୟମରେ ....................ରୁ...........ବର୍ଷ ବୟସର ପିଲାମାନେ ଅନ୍ତର୍ଭୁକ୍ତ ।

ଘ. ଶିକ୍ଷା ଅଧିକାର ଅଧିନିୟମ .............କେନ୍ଦ୍ରିକ ଶିକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ ।

## ୧୩.୩- ଶିଶୁ ଅଧିକାରର ସୁରକ୍ଷା

### ୧୩.୩.୧- ଶିଶୁ ଅଧିକାର ଉଲଙ୍ଘନ

ଶିଶୁ ଅଧିକାର ନିମନ୍ତେ ବିଭିନ୍ନ ପ୍ରକାରର ସମ୍ମିଳନୀ ଓ ନୀତିନିୟମ ପ୍ରଣୟନ ସତ୍ତ୍ୱେ ଏଗୁଡିକ ସେମାନଙ୍କ

ବାସ୍ତବ ରୂପରେ କାର୍ଯ୍ୟକାରୀ ହେଉ ନାହିଁ । ସାରା ବିଶ୍ୱରେ ଅଗଣିତ ଶିଶୁ ଅଛନ୍ତି, ଯେଉଁମାନଙ୍କ ନିକଟରେ ଜଣେ ମନୁଷ୍ୟ ହିସାବରେ ବଞ୍ଚିବା ପାଇଁ ମୌଳିକ ସୁବିଧା ସୁଯୋଗ ନାହିଁ । ସେମାନେ କାମ କରିବା ପାଇଁ ଜନ୍ମ ହୋଇଛନ୍ତି ଏବଂ କ୍ୱଚିତ୍ ସେମାନେ ବାଲ୍ୟାବସ୍ଥାକୁ ଉପଭୋଗ କରିବାର ସୁଯୋଗ ପାଆନ୍ତି । ନିମ୍ନରେ ଥିବା ଚିତ୍ରଗୁଡିକ ଦେଖ, ଏଗୁଡିକ କଣ ସୂଚାଉଛି ? ଆମ ପିଲାମାନେ ସେମାନଙ୍କର ଅଧିକାରଗୁଡିକ ଉପଭୋଗ କରୁଛନ୍ତି କି ?







ଆମେ ସମସ୍ତେ ଭଲ ଭାବରେ ଅବଗତ ଅଛୁ ଯେ ଆମ ଦେଶର ନିୟୁତ ନିୟୁତ ଶିଶୁ ବିଦ୍ୟାଳୟ ଯିବା ପରିବର୍ତ୍ତେ ବାଳ ଶ୍ରମିକ ଭାବେ କାମ କରୁଛନ୍ତି । ଶିଶୁ ଶ୍ରମିକ/ବାଳ ଶ୍ରମିକ କହିଲେ, ସାଧାରଣତଃ ଶିଶୁମାନଙ୍କୁ ଯେକୌଣସି କାର୍ଯ୍ୟ ଯାହାକି ଶିଶୁର କ୍ଷତି ଘଟାଇଥାଏ ଏବଂ ଶାରିରୀକ, ମାନସିକ ଏବଂ ନୈତିକ ଦୃଷ୍ଟିକୋଣରୁ ଶୋଷଣ କରାଯାଇଥାଏ ଏବଂ ସେମାନଙ୍କୁ ଶିକ୍ଷା ଗ୍ରହଣରୁ ବଞ୍ଚିତ କରିବାକୁ ବୁଝାଏ ।

ଯାହା ହେଉ ଶିଶୁ ଶ୍ରମିକ/ବାଳଶ୍ରମିକର କୌଣସି ସାର୍ବଜନୀନ ସଂଜ୍ଞା ନାହିଁ । ଆନ୍ତର୍ଜାତୀୟ ସଂଗଠନ, ବେସରକାରୀ ସଂସ୍ଥା, ବାଣିଜ୍ୟିକ ସଂଘ ଏବଂ ଅନ୍ୟାନ୍ୟ ସଂଘ ସମୂହ ଏହାର ସଂଜ୍ଞାକୁ ଭିନ୍ନ ଭିନ୍ନ ଉପାୟରେ ବର୍ଣ୍ଣନା କରିଛନ୍ତି । ଆନ୍ତର୍ଜାତୀୟ ଶ୍ରମିକ ସଂଗଠନ(ILO) ୨୦୦୦ ମସିହାରେ ୫ରୁ ୧୭ ବର୍ଷ ବୟସର ୨୪୬ ନିୟୁତ ଶିଶୁ ଶ୍ରମିକ ଭାବେ କାର୍ଯ୍ୟ କରୁଥିବାର ଆକଳନ କରିଥିଲା । ସେଥିମଧ୍ୟରୁ ୧୭୧ ନିୟୁତ ଶିଶୁ କାର୍ଯ୍ୟରେ ନିୟୋଜିତ ଥିଲେ, ଯାହା ସେମାନଙ୍କ ସୁରକ୍ଷା, ଶାରିରୀକ ଓ ମାନସିକ ସ୍ୱାସ୍ଥ୍ୟ ଏବଂ ନୈତିକ ବିଶେଷ ପାଇଁ ବିପଦଜନକ ଅଟେ । ଅଧିକନ୍ତୁ ୮.୪ ନିୟୁତ ଶିଶୁ ଅସ୍ୱାଭାବିକ ଭାବରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ/ପରିସ୍ଥିତିରେ ଶ୍ରମିକ ଭାବେ କାର୍ଯ୍ୟରେ ନିୟୋଜିତ ଥିଲେ । ଯାହା ଫଳରେ ସେମାନଙ୍କୁ ବାଣିଜ୍ୟିକ ଯୌନ ଶୋଷଣ, ଯୁଦ୍ଧ ବା ହିଂସାତ୍ମକ କାର୍ଯ୍ୟ ଏବଂ ଗୁପ୍ତଚର ବୃତ୍ତି ଭଳି ଅତ୍ୟନ୍ତ ଦୁର୍ଦ୍ଦଶାଯୁକ୍ତ କାର୍ଯ୍ୟ ଦାଦନ ଆଦିକୁ ଅର୍ନ୍ତଭୁକ୍ତ କରିଥାଏ ।

ବର୍ତ୍ତମାନ ପିଲାମାନଙ୍କ ବିଷୟରେ ଚିନ୍ତା କର, ସେମାନେ ହେଉଛନ୍ତି ଦେଶର ଭବିଷ୍ୟତ । ଆଜିର ସମୟ ଏବଂ ୨୦୨୦ ମସିହା ମଧ୍ୟରେ ନୂତନ କର୍ମଚାରୀ/ ନାଗରିକ ଏବଂ ନୂତନ ଉପରୋକ୍ତମାନଙ୍କର ଏକ ବିଶାଳ ଗୋଷ୍ଠୀ ଯେଉଁମାନଙ୍କର ଦକ୍ଷତା ଏବଂ ଆବଶ୍ୟକତା ବିଶ୍ୱର ଅର୍ଥନୀତି ଏବଂ ସମାଜ ନିର୍ମାଣ କରିବ ସେମାନେ ବିକାଶଶୀଳ ଦେଶରୁ ଆସିବେ । କେଉଁମାନେ ଅତି ଅଳ୍ପ ବୟସରୁ ନିଜର ସ୍ୱାସ୍ଥ୍ୟ ଓ ଶିକ୍ଷାକୁ ଧ୍ୱଂସ କରି କାର୍ଯ୍ୟ କରିବାକୁ ଆସିବେ ? ଯଦି ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଆମ ଶିଶୁମାନଙ୍କର ସର୍ବାଙ୍ଗୀନ ବିକାଶ ବିପଦରେ ରୁହେ । ତେବେ ଆମ ଦେଶର ଦୃଢ଼ ଭବିଷ୍ୟତ ଗଠନ ସ୍ଥିତିରେ ରହିପାରିବ କି ?

ପିଲାମାନଙ୍କ ବୟସ ପାଇଁ କାହିଁକି ସେମାନେ ନିୟୋଜିତ ହୁଅନ୍ତି ତାହାର ବିଚାର କରାଯାଏ । କିନ୍ତୁ ଏତଦ୍

ଟିପ୍ପଣୀ

ବ୍ୟତୀତ ଅନ୍ୟ କେତେଗୁଡିଏ କାରଣ ରହିଛି ଯଥା ପାରିବାରିକ ଆଶା, ପରିବାରର ଚଳଣି ଓ ପ୍ରଥା-ପରମ୍ପରା, ଶିଶୁ ପ୍ରତି ଗାଳିଗୁଲଜ, ଭଲ ବିଦ୍ୟାଳୟ ତଥା ଦୈନିକ ଯତ୍ନର ଅଭାବ, ଅନ୍ୟାନ୍ୟ ସେବା ଯଥା ସ୍ୱାସ୍ଥ୍ୟର ଯତ୍ନ, କର୍ମଚାରୀଙ୍କ ଅଯତ୍ନ ମନୋଭାବ ଏବଂ ନିୟୋଜିତ ପିତାମାତା ଇତ୍ୟାଦି ଯାହା ପିଲାମାନଙ୍କୁ ଶିଶୁ ଶ୍ରମିକ କରିବାରେ ଦାୟୀ ଅଟେ ।

ତୁମ ରାଜ୍ୟରେ ଶିଶୁ ଶ୍ରମିକ ପ୍ରଥା ଅଛି କି ? ଯଦି ହଁ, ଯେକୌଣସି ୪ଟି କାରଣ ଲେଖ ?

୧.

୨.

୩.

୪.

ରାଜ୍ୟସ୍ତର ବ୍ୟତୀତ ଉଭୟ ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ କରିବା ପାଇଁ ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରାଯାଇଛି । ସମସ୍ତ ପିଲାଙ୍କ ପାଇଁ ଶିକ୍ଷାକୁ ମାଗଣା ଓ ବାଧ୍ୟତାମୂଳକ କରାଯାଇଛି ଏବଂ ୨୦୦୯ ମସିହାରେ ଏକ ଅଧିନିୟମ ପ୍ରଣୟନ କରାଯାଇଛି । ଅନେକଗୁଡିଏ ବେସରକାରୀ ସଂଗଠନ ରହିଛି, ଯେଉଁମାନେ ରୁଗ୍ଣ ବା ବାସସ୍ଥାନ ହରାଇଥିବା ଦୁଃସ୍ଥ ପିଲା ଓ ପରିବାର ଗୁଡିକୁ ସାହାଯ୍ୟ କରିବା ପାଇଁ ସମାଜସେବାକୁ ହାତକୁ ନେଇଛନ୍ତି ।

ଶିଶୁ ଶ୍ରମିକମାନଙ୍କ ସାହାଯ୍ୟ କରିବା ପାଇଁ ଆନ୍ତର୍ଜାତୀୟ ଶ୍ରମିକ ସଂଗଠନର ଶିଶୁ ଶ୍ରମିକ ଉଚ୍ଛେଦ ପାଇଁ ଆନ୍ତର୍ଜାତିକ କାର୍ଯ୍ୟକ୍ରମ ଅନେକଗୁଡିଏ କାର୍ଯ୍ୟକ୍ରମ ବାହାର କରୁଛି । www.ilo.org siteରେ ଶିଶୁ ଶ୍ରମିକ ଉଚ୍ଛେଦ ପାଇଁ ଆନ୍ତର୍ଜାତିକ କାର୍ଯ୍ୟକ୍ରମ ନଥିପତ୍ର ଦେଖ ଏବଂ ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମମାନ ଖୋଜି ବାହାର କର । ସେଗୁଡିକ ମଧ୍ୟରୁ ଯେ କୌଣସି ଦୁଇଟି ବିଷୟରେ ଲେଖ ।

୧........................................................................................................

..........................................................................................................

୨........................................................................................................

..........................................................................................................

ଏପରିକି ୧୯୮୯ ମସିହାରେ ଶିଶୁ ଅଧିକାର ଉପରେ ସମ୍ମିଳନୀ ଶିଶୁମାନଙ୍କୁ ସେମାନଙ୍କ ଜୀବନକୁ ପ୍ରଭାବିତ କରିଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରେ ଭାଗ ନେବାକୁ ଆହ୍ୱାନ କରିଥାଏ । ଭାରତ ସରକାର ୧୯୭୯ମସିହାରେ ଶିଶୁ ଶ୍ରମିକମାନଙ୍କର ଥିବା ବିଭିନ୍ନ ସମସ୍ୟାକୁ ଅଧ୍ୟୟନ କରିବା ଏବଂ ଏହାକୁ ନିୟନ୍ତ୍ରଣ କରିବା ନିମିତ୍ତ ଏକ କମିଟି ଗଠନ କରିଥିଲେ ।

ବିଭିନ୍ନ ବିପଦପୂର୍ଣ୍ଣ ବୃତ୍ତିରେ ନିୟୋଜିତ ଥିବା ଶିଶୁମାନଙ୍କର ଥଇଥାନ ନିମନ୍ତେ ୧୯୮୭ ମସିହାରେ ଶିଶୁ ଶ୍ରମିକମାନଙ୍କ ଉପରେ ଏକ ଜାତୀୟ ନୀତି ପ୍ରଣୟନ କରାଯାଇଥିଲା । ୧୯୮୮ ମସିହାରୁ ଶିଶୁ ଶ୍ରମିକମାନଙ୍କର ପୁର୍ନଃବାସ ନିମନ୍ତେ ଶ୍ରମ ଓ ନିୟୋଜନ ମନ୍ତ୍ରାଳୟ ପ୍ରାୟ ୧୦୦ ଶିଳ୍ପ ନିର୍ଦ୍ଦିଷ୍ଟ ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ କାର୍ଯ୍ୟକାରୀ କରିଥିଲେ ।

ବିଭିନ୍ନ ବେସରକାରୀ ସଂସ୍ଥା ଯଥା CARE India, Child Relief and You, Global march against child Labou. Pratham ଇତ୍ୟାଦି ଭାରତରେ ଶିଶୁ ଶ୍ରମିକ ଉଚ୍ଛେଦ ନିମନ୍ତେ କାର୍ଯ୍ୟ କରିଆସୁଛନ୍ତି ।

ଏହିଭଳି ଅନେକ ଦୃଷ୍ଟାନ୍ତମାନ ରହିଛି, ଯେଉଁଥିରେ ବିଦ୍ୟାଳୟକୁ ଯିବାରେ, ଖେଳ ଓ ଅବସର ପାଇବାରେ

ସେମାନେ ବଞ୍ଚିତ ହୁଅନ୍ତି । ଆହୁରି ମଧ୍ୟ ସେମାନଙ୍କ ଜୀବନ ଏବଂ ସ୍ୱାସ୍ଥ୍ୟ ପ୍ରତି ବିପଦ ଥିବା ସ୍ଥାନରେ ସେମାନେ ନିୟୋଜିତ ହୁଅନ୍ତି ।

ଶିଶୁମାନଙ୍କର ଅଧିକାର ଗୁଡିକ ବିଭିନ୍ନ କାରଣରୁ କ୍ଷୁର୍ଣ୍ଣ ହୋଇଥାଏ । ସେଗୁଡିକ ହେଉଛି ଦାରିଦ୍ର୍ୟ, ବୈଷମ୍ୟତା ଏବଂ ଅଜ୍ଞତା ଇତ୍ୟାଦି । ସେମାନେ ନିଜର କ୍ଷୁଧା ମେଣ୍ଟାଇବା ନିମନ୍ତେ ଭିକ୍ଷାବୃତ୍ତି ଗ୍ରହଣ କରିବାକୁ ପଡିଥାଏ । କେତେକାଂଶରେ ଏଥିନିମନ୍ତେ ସେମାନଙ୍କୁ ମାଡ଼ ଗାଳି ଖାଇ ଭୋକ ଉପାସରେ ରହିବାକୁ ପଡେ । ବେଳେ ବେଳେ ସେମାନଙ୍କୁ ଦୀର୍ଘ ସମୟ ଶ୍ରମ କରିବାକୁ ଏବଂ ଓଜନିଆ ଜିନିଷ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବାକୁ ପଡିଥାଏ । ଏପରିକି ଅଧିକାଂଶ ପିଲା ଉପଯୁକ୍ତ ସ୍ୱାସ୍ଥ୍ୟ ସୁବିଧା ପାଇ ନଥାନ୍ତି । ଏସବୁ ପରିସ୍ଥିତିରେ ପିଲାମାନଙ୍କର ଅଧିକାର କ୍ଷୁର୍ଣ୍ଣ ହୋଇଥାଏ । ଆମ୍ଭେମାନେ, ବିଦ୍ୟାଳୟ ଗୋଷ୍ଠୀ ଏବଂ ସରକାର ଭାବରେ ଏହି ସମସ୍ୟା କିଛି କରିବା ଉଚିତ୍ କି ? ତୁମେ ତୁମ ଅଞ୍ଚଳରେ ଶିଶୁର ଅଧିକାର କ୍ଷୁର୍ଣ୍ଣ ହେଉଥିବାର କୌଣସି ଦୃଷ୍ଟାନ୍ତ ତୁମ ନଜରକୁ ଆସିଛି କି ? କୌଣସି ଏକ ଘଟଣା ବିଷୟରେ ସୂଚନା ସଂଗ୍ରହ କର ।

**ନିଜ ଅଗ୍ରଗତି ଆକଳନ-୫**

୧. ନିମ୍ନ କୋଠରୀରେ ଥିବା ଚିତ୍ରକୁ ଦେଖ ।



ଉପରୋକ୍ତ ଚିତ୍ରରେ ଶିଶୁର କେଉଁ ଅଧିକାର କ୍ଷୁର୍ଣ୍ଣ ହେଉଛି ?

୨. ପିଲାମାନଙ୍କ ସମ୍ବନ୍ଧରେ କେତେକ ଉକ୍ତି ନିମ୍ନରେ ଦିଆଯାଇଛି । ଏଗୁଡିକମଧ୍ୟରୁ କେଉଁଟି ଶିଶୁର ଅଧିକାର କ୍ଷୁର୍ଣ୍ଣ କରୁଥିବାର ସୂଚିତ କରୁଛି । ତା'ପାଖରେ ଠିକ୍ ଚିହ୍ନ ଦିଅ ।

କ- ରାଧାକୁ ବିଦ୍ୟାଳୟରେ  ପ୍ରବେଶ କରାଗଲା ।

ଖ-ଇଶାନ ଗ୍ୟାରେଜ୍‌କୁ କାମ କରିବାକୁ ଗଲା ।

ଗ-ଇଶମାଇଲ୍ ଏବଂ କେଟି ଅବସର ସମୟରେ ଗଛ ଚଢିଲେ ।

ଘ- କଥାଥେଭିନ୍ ଜ୍ୱରରେ ପୀଡିତ ଏବଂ ତାର ପିତାମାତା ତାକୁ ଡାକ୍ତରଖାନ ନେବାକୁ ଅସମର୍ଥ ।

ଙ- ଯଶପ୍ରୀତି ବାସି ଖାଦ୍ୟ ଦିଆଗଲା ।

ଚ- ଦୁର୍ଗା ନିଜର ନାମ ପରିବର୍ତ୍ତନ କରିବାକୁ ଚାହୁଁଛି ।

ଛ- ରେଣୁର ପିତାମାତାଙ୍କର ବିଚ୍ଛେଦ ହୋଇଛି । ସେ ତା ମାଆଙ୍କ ସହ ରହିବାକୁ ଚାହୁଁଛି । ମାତ୍ର ବାପା ତାକୁ ନିଜ ସହିତ ନେଇ ଯାଆନ୍ତି ।

୩- IPEC ପୂରା ନାମ କଣ ?

୪-ବିପଦଜ୍ଜନକ ବୃତ୍ତିରେ କାର୍ଯ୍ୟ କରୁଥିବା ଶିଶୁମାନଙ୍କର ଥଇଥାନ ନିମନ୍ତେ ଆମ ଦେଶରେ କେଉଁ ଜାତୀୟ ନୀତି ପ୍ରଣୀତ ହୋଇଥିଲା ?

ଟିପ୍ପଣୀ

## ୧୩.୩.୨- ବିଦ୍ୟାଳୟରେ ଶିଶୁ ଅଧିକାରର ଉଲଂଘନ

ଏବେ ତୁମେମାନେ ଜାଣିପାରୁଥିବ ଯେ କିପରି ଓ କାହା ଦ୍ୱାରା ଶିଶୁ ଅଧିକାରର ଉଲଂଘନ ହେଉଛି । ତୁମେମାନେ ଭାବୁଛ କି ବିଦ୍ୟାଳୟରେ ମଧ୍ୟ ଶିଶୁ ଅଧିକାରର ଉଲଂଘନ ହେଉଛି ? ଏଭଳି ଘଟଣାର ଅନେକଗୁଡିଏ ନଜିର ରହିଛି । ତେବେ ବିଦ୍ୟାଳୟରେ ଘଟୁଥିବା ଶିଶୁ ଅଧିକାରର ଉଲଂଘନ ବିଷୟରେ ଆସ ଆମେ ଜାଣିବା ।

ଆମେ ସମସ୍ତେ ଜାଣିଛନ୍ତି ଯେ- ଶିଶୁ ହେଉଛି ବିଦ୍ୟାଳୟର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଏବଂ ସେମାନେ ଭିନ୍ନ ଭିନ୍ନ ପ୍ରକାରର ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ପରିବେଶରୁ ଆସିଥାନ୍ତି । ସ୍କୁଲ ହେଉଛି ଗୋଟିଏ ଛୋଟିଆ ସମାଜ ପରି ଏବଂ ଏଥିରେ ବିଭିଧତା ପରିଲକ୍ଷିତ ହୁଏ । ମାତ୍ର ଏସବୁ ସତ୍ତ୍ୱେ ଗୋଟିଏ ଶ୍ରେଣୀର ସମସ୍ତ ଶିକ୍ଷାର୍ଥୀଙ୍କୁ ସମାନ ପାଠ୍ୟପୁସ୍ତକ ପଢିବାକୁ ପଡେ, ସମାନ କାର୍ଯ୍ୟଗୁଡିକ ପ୍ରଦର୍ଶନ କରିବାକୁ ହୁଏ । ସମାନ ନିୟମ ଅନୁକରଣ କରିବାକୁ ପଡେ ଏବଂ ଉଚ୍ଚତର ସଫଳତାର ସ୍ତର ପ୍ରର୍ଦଶନ କରିବାକୁ ହୋଇଥାଏ । ଯଦି ବିଦ୍ୟାଳୟର ଆଶା ଅନୁଯାୟୀ ପ୍ରଦର୍ଶନ କରି ନ ପାରିଲେ ତେବେ ସେମାନେ ଅନେକବାର ଦଣ୍ଡ ପାଇଥାନ୍ତି ।

ବିଦ୍ୟାଳୟରେ ଦଣ୍ଡ ଶ୍ରେଣୀରେ ଠିଆ ହେବାଠାରୁ ନିର୍ଯାତନା ପର୍ଯ୍ୟୟ, ଯେଉଁ ଭଳି ଭାବେ ପିଲାମାନେ ଦଣ୍ଡ ପାଆନ୍ତି ଓ ସେମାନଙ୍କର ଅଧିକାର କ୍ଷୁର୍ଣ୍ଣ ହୁଏ । ତାହା ଗଣମାଧମ ପ୍ରକାଶ କରିଛି । ଶିକ୍ଷକ ଶ୍ରେଣୀରେ ଯାହା ପାଆନ୍ତି, ସେଗୁଡିକ ଦ୍ୱାରା ପିଲାମାନଙ୍କୁ ଆଘାତ ଦେଇଥାନ୍ତି । ସେଗୁଡିକ ଡଷ୍ଟର, ସ୍କେଲ୍ ବା ଅନ୍ୟ କିଛି ବି ହୋଇପାରେ । ପିଲାମାନେ ଛିଡା ହେବା, ଦୌଡେଇବା ବା ଖରାରେ ଆଣ୍ଠେଇବାର ବି ଅନେକ ନଜିର ରହିଛି । ଏଭଳି ଦିଆଯାଉଥିବା ଦଣ୍ଡ ବିଧାନର କୌଣସି ଶିକ୍ଷଣୀୟ ମୂଲ୍ୟ ନାହିଁ । ଅବସର ସମୟରେ ପିଲାମାନଙ୍କୁ ପଢିବା ପାଇଁ ବାଧ୍ୟ କରାଯାଏ । ସେମାନେ ମଧ୍ୟ ଅନ୍ୟମାନଙ୍କ ମଧ୍ୟରେ ମାନସିକ ସ୍ତରରେ ଉତ୍ପିଡିତ ହୁଅନ୍ତି । ଯଦିଓ ଶିକ୍ଷା ପାଇବା ଶିଶୁମାନଙ୍କର ଅଧିକାର ତଥାପି ଅନେକଗୁଡିଏ ବିଦ୍ୟାଳୟ ଅଛି, ଯେଉଁଠି ଆବଶ୍ୟକୀୟ ସଂଖ୍ୟକ ଯୋଗ୍ୟ ଶିକ୍ଷକ ନାହାନ୍ତି । ଶୌଚାଳୟର ଅବସ୍ଥା ଅତ୍ୟନ୍ତ ରୁଗଣ୍ । ପିଇବା ପାଣିର ସୁବିଧା ପର୍ଯ୍ୟପ୍ତ ନୁହେଁ । ବର୍ଷା ହେଉ ଅବା ଶୀତ ଅଧିକାଂଶ ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ତଳେ ବସି ପାଠ ପଢିଥାନ୍ତି ।

ଅନେକ ପିଲାଙ୍କର ସମସ୍ୟାଟି ହେଲା ଯେଉଁ ଭାଷାରେ ଶିକ୍ଷା ଦିଆଯାଏ, ସେହି ଭାଷାଟି ସେମାନେ ବୁଝିପାରି ନଥାନ୍ତି ।

ବିଦ୍ୟାଳୟଗୁଡିକ ହସଖୁସିର ସ୍ଥାନ ପରିବର୍ତ୍ତେ ଦଣ୍ଡ ଓ ଯନ୍ତ୍ରଣାର ସ୍ଥାନ ପାଲଟି ଯାଇଛି । ଯେଉଁଠି ଶିଶୁମାନଙ୍କର ସୁରକ୍ଷା ଓ ନିରାପତ୍ତାର କୌଣସି ନିଶ୍ଚିତତା ନାହିଁ । ଏହି ବାସ୍ତବତାଗୁଡିକ ସହିତ ଆପଣ ସହମତ କି ? ବିଦ୍ୟାଳୟରେ ଏହି ପ୍ରକାରର ଶିଶୁ ଅଧିକାର ଉଲଂଘନ ହେଉଛି କି? ତୁମ ବିଦ୍ୟାଳୟରେ ଶିଶୁମାନଙ୍କ ଅଧିକାର କେଉଁ ଉପାୟରେ ଉଲ୍ଲଙ୍ଘନ ହେଉଛି ।

୧. ----------------------------------------------------------------------
------------------------------------------------------------------------

୨. ----------------------------------------------------------------------
------------------------------------------------------------------------

୩. ----------------------------------------------------------------------
-
------------------------------------------------------------------------

ଏଗୁଡିକ ଶିଶୁକୁ ବିଦ୍ୟାଳୟ ପ୍ରତି ଆଗ୍ରହୀ କରାଇପାରିବ କି ?

ସେମାନେ ସ୍କୁଲ ଆସିବାକୁ ପସନ୍ଦ କରିବେ ନା ଦୂରେଇ ରହିବାକୁ ପସନ୍ଦ କରିବେ ? ପିଲାମାନେ ଯେତେବେଳେ ଦିନର ଶେଷରେ ଲମ୍ବା ଘଣ୍ଟା ବାଜିବା ଶୁଣନ୍ତି, ସେମାନେ କାହିଁକି ଖୁସି ହୁଅନ୍ତି ? ଶିକ୍ଷକ ଯେତେବେଳେ ଛୁଟିରେ ରୁହନ୍ତି ସେମାନେ କାହିଁକି ଖୁସି ହୁଅନ୍ତି? ଛୁଟି ଦିନ ପାଇଁ କାହିଁକି ସେମାନେ ଆଗ୍ରହ ସହକାରେ ଅପେକ୍ଷା କରିଥାନ୍ତି ?

ଆମେ ସମସ୍ତେ ଜାଣିଛେ ଯେ କୌଣସି ବିଦ୍ୟାଳୟ ଶିଶୁମାନଙ୍କୁ ଦଣ୍ଡ ଦେଇପାରିବ ନାହିଁ । କାରଣ ଶିଶୁ ଅଧିକାର ସୁରକ୍ଷା ପାଇଁ ଅନେକଗୁଡିଏ ନୀତି ଓ ଆୟୋଗ ରହିଛି । ଏଗୁଡିକ ବିଷୟରେ ଆମେ ଆସ ପରବର୍ତ୍ତୀ ଉପ ବିଭାଗରେ ପଢିବା ।

**ନିଜ ଅଗ୍ରଗତି ଆକଳନ -୬**

୧. ନିମ୍ନୋକ୍ତ ଘଟଣାବଳୀଗୁଡିକ ସ୍ଥାୟୀ ଭାବରେ ଗୋଟିଏ ବିଦ୍ୟାଳୟରେ ପ୍ରଚଳିତ । ଏଥିରୁ ଯେଉଁଗୁଡିକ ଶିଶୁ ଅଧିକାର ଉଲଂଘନ କରିଛି ସେଗୁଡିକୁ ଚିହ୍ନ ଦିଅ ।

କ) ସବୁପିଲା ସେମାନଙ୍କର ଶ୍ରେଣୀଗୃହ ଝାଡୁ କରନ୍ତି ।

ଖ) କିଛି ପିଲା ଶିକ୍ଷକଙ୍କର ଖାଇବା ଟେବୁଲ୍ ସଫା କରନ୍ତି ।

ଗ) ମଧ୍ୟାହ୍ନ ଭୋଜନ ସମୟରେ ସପ୍ତମ ଶ୍ରେଣୀର ଶିକ୍ଷାର୍ଥୀ ପ୍ରାଥମିକ ଶିକ୍ଷାର୍ଥୀମାନଙ୍କୁ ପାଣି ଯୋଗାଇ ଦିଅନ୍ତି ।

ଘ) ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ପ୍ରାଥମିକ ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ବାସନ ସଫା କରିବାରେ ସାହାଯ୍ୟ କରନ୍ତି ।

ଙ) ଯେଉଁ ଶିକ୍ଷାର୍ଥୀମାନଙ୍କର ପ୍ରାଥନା ସଭାରେ ଯୋଗ ଦେବାରେ ବିଳମ୍ବ ହୁଏ, ସେମାନଙ୍କୁ ସ୍କୁଲ ଚାରିପଟେ ୧୦ ଥର ଦୌଡିବାକୁ କୁହାଯାଏ ।

ଚ) ବିନା କୌଣସି ଖେଳ ସାମାଗ୍ରୀରେ ଶିଶୁମାନେ ଖେଳିଥାନ୍ତି ।

ଛ) ସ୍କୁଲରେ ଚାରା ରୋପଣ ପାଇଁ ଶିଶୁମାନେ ଗାତ ଖୋଳିଥାନ୍ତି ।

ଜ) ଫତିମାକୁ ବୁର୍ଖା ପିନ୍ଧିବା ଅନୁମତି ନାହିଁ ।

## ୧୩.୩.୩- ଶିଶୁର ଅଧିକାର ସୁରକ୍ଷା: ଆୟୋଗ ଏବଂ ଆଇନଗତ ବ୍ୟବସ୍ଥା

**ବ୍ୟବସ୍ଥା ସମୂହ:** ଶିଶୁ ଅଧିକାର ସୁରକ୍ଷା ପାଇଁ ଆମ ଦେଶରେ ଅନେକଗୁଡିଏ ସଂସ୍ଥା ସହ କେତେକ ବେସରକାରୀ ସଂଗଠନ ମଧ୍ୟ କାର୍ଯ୍ୟ କରୁଅଛି । ଗଠନ ଦୃଷ୍ଟିରୁ ଭାରତ ମହାସଂଘୀୟ ହୋଇଥିବାରୁ ଶିଶୁ ଅଧିକାର ସୁରକ୍ଷା ପାଇଁ ଜାତୀୟ ସ୍ତରରେ NCPCR ଏବଂ ରାଜ୍ୟସ୍ତରରେ ଗଠନ ହୋଇଛି । ଆମ ସମ୍ବିଧାନରେ ଶିଶୁମାନଙ୍କ ପାଇଁ ସ୍ୱୀକୃତି ଅଧିକାରକୁ ତଦାରଖ କରିବା ନିମିତ୍ତ ୫ ମାର୍ଚ୍ଚ, ୨୦୦୭ରେ NCPCR ଗଠନ କରାଯାଇଥିଲା । ଏଥିରେ ଆଇନ ଆଗରେ ସବୁ ଶିଶୁ ସମାନ, ୬ ରୁ ୧୪ ବର୍ଷ ବୟସର ସମସ୍ତ ଶିଶୁଙ୍କୁ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା, ଗୋଡି ଶ୍ରମିକ କିଣାବିକା ତଥା ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ ଆଦି ଅନ୍ତର୍ଭୁକ୍ତ । ଏହା ମଧ୍ୟ ନୀତି ମାର୍ଗ ଦର୍ଶାଇ ପ୍ରଦାନ କରିବା ସହ ଶାରୀରିକ ଦଣ୍ଡ ବିଧାନ ବ୍ୟବସ୍ଥାର ବିରୋଧ କରେ । NCPCR ର କାର୍ଯ୍ୟଧାରା SCPCR କାର୍ଯ୍ୟ କରିଥାଏ । ତୁମ ରାଜ୍ୟରେ SCPCR ଅଛି କି ? ଯଦି ଅଛି ତେବେ ଏହାର ଉପଲବ୍ଧତାଗୁଡିକ ଉଲ୍ଲେଖ କର ।

ଶିଶୁ ଅଧିକାର ଏବଂ CRY ନାମରେ ଏକ ଜଣାଶୁଣା ବେସରକାରୀ ସଂଗଠନଟିଏ ଅଛି, ଯାହା NCPCR ଦ୍ୱାରା ନିର୍ଦ୍ଧାରିତ ୪ଟି ମୌଳିକ ଅଧିକାର ଉପରେ ଆଲୋକପାତ କରିଥାଏ । ଏହି ଅଧିକାରଗୁଡିକ ହେଲା

ଟିପ୍ପଣୀ

ଜୀବନଧାରଣ, ପ୍ରଗତି, ସୁରକ୍ଷା ଏବଂ ଶିଶୁମାନଙ୍କର ଅଂଶଗ୍ରହଣ । ତୁମ ରାଜ୍ୟରେ ବା ପଡୋଶୀ ରାଜ୍ୟରେ ଏହିଭଳି କୌଣସି ସଂଗଠନ ରହିଛି କି ଯାହା ଶିଶୁ ଅଧିକାର ସୁରକ୍ଷା ପାଇଁ କାର୍ଯ୍ୟ କରେ । ଯଦି ଅଛି ତେବେ ଶିଶୁ ସୁରକ୍ଷା ଦିଗରେ ନେଇଥିବା କୌଣସି ଗୋଟିଏ ଉଦାହରଣ ବିଷୟରେ ତଥ୍ୟ ସଂଗ୍ରହ କର ।

ଶିଶୁମାନଙ୍କର ଅଧିକାର କୌଣସି ପ୍ରକାରରେ ଛିନ୍ନ କରାଯାଇପାରିବ ନାହିଁ । ଯଦି ଏଭଳି ହୁଏ ତେବେ ଶିଶୁ ଓ ତାର ଅଧିକାରକୁ ସୁରକ୍ଷିତ କରିବା ପାଇଁ ଅନେକ ଆଇନଗତ ବ୍ୟବସ୍ଥା ଅଛି । ଶିଶୁଶ୍ରମିକ ପ୍ରଥା ବିରୁଦ୍ଧରେ ଆଇନମାନ ରହିଛି । ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ ପାଇଁ ସ୍ୱତନ୍ତ୍ର ନ୍ୟାୟପାଳିକା ମଧ୍ୟ ଗଠନ କରାଯାଇଛି । ଶିକ୍ଷା ଅଧିକାର RTE ମଧ୍ୟ ଶିଶୁ ଅଧିକାରକୁ ସୁରକ୍ଷା ଦିଏ । ଏହା ଅନୁଯାୟୀ କୌଣସି ଶିଶୁକୁ ଶାରୀରିକ ଦଣ୍ଡ କିମ୍ବା ମାନସିକ ଭାବେ ଅପମାନିତ କରାଯାଇପାରିବ ନାହିଁ । ପ୍ରତ୍ୟେକଟି ଶିଶୁ ମଣିଷ । ତେଣୁ ସେମାନଙ୍କ ବିପକ୍ଷରେ ହିଂସା ହେବା ବା ସେମାନଙ୍କୁ ଅପମାନିତ କରିବା ଅମାନବିକତାର ପରିଚୟ । ତେଣୁ ବିଦ୍ୟାଳୟଗୁଡ଼ିକ ମଧ୍ୟ ବୁଝି ରଖିବା ଉଚିତ୍ କେହି ବି ଶିଶୁମାନଙ୍କୁ ଦଣ୍ଡିତ କରିବା ଉଚିତ୍ ନୁହେଁ । ଏସବୁକୁ ଧ୍ୟାନରେ ରଖି ସ୍କୁଲଗୁଡ଼ିକ ମୌଳିକ ସୁବିଧା ସ୍ୱତନ୍ତ୍ର ପ୍ରଶିକ୍ଷଣ ଓ ଗୁଣାତ୍ମକ ଶିକ୍ଷାଦାନ ନିମିତ୍ତ ବ୍ୟବସ୍ଥାମାନ କରିବା ଆବଶ୍ୟକ । ଆମ ଦେଶରେ କିଛି ରାଜ୍ୟମାନଙ୍କରେ ଶିଶୁ ଅଧିକାର ପ୍ରକୋଷ୍ଠମାନ ମଧ୍ୟ ରହିଛି । ଯଦି କୌଣସି ଜାଗାରେ ଶିଶୁ ଅଧିକାର ଉଲଂଘନ ହେଉଥାଏ, ତେବେ ଏଠାକୁ ଗୋଟିଏ ଫୋନ୍ କଲ ମାଧ୍ୟମରେ ଅଭିଯୋଗ ପଞ୍ଜିକରଣ କରାଯାଇପାରିବ । ତୁମ ରାଜ୍ୟରେ ଏଭଳି ପ୍ରକୋଷ୍ଠମାନ ଅଛି କି ?

**ନିଜ ଅଗ୍ରଗତି ଆକଳନ-୭**

୧. ଭାରତୀୟ ସମ୍ବିଧାନ ଦ୍ୱାରା ପ୍ରଦତ୍ତ ଗୋଟିଏ ଶିଶୁ ଅଧିକାର ହେଲା---------------- ପ୍ରଥା ନିଷେଧ କରିବା ।

୨. ଶିଶୁ ଅଧିକାର ସୁରକ୍ଷା ପାଇଁ ଭାରତ ସରକାର ୨୦୦୭ ମସିହାରେ ..................ଗଠନ କରିଥିଲେ ।

୩. SCPCR ପୂରା ନାମ ......................................................................... ।

୪. ନିମ୍ନୋକ୍ତ ମଧ୍ୟରୁ କେଉଁ ଅଧିକାରଗୁଡ଼ିକ UNCRC ଦ୍ୱାରା ଉଲ୍ଲେଖ କରାଯାଇଛି । ସେଗୁଡ଼ିକୁ ଗୋଲ ବୁଲାଅ ।

ବଞ୍ଚିବା, ଉଚ୍ଚଶିକ୍ଷା, ସୁରକ୍ଷା ଓ ବିଦେଶ ଯାତ୍ରା

୫. କୌଣସି ସ୍କୁଲ ଶିଶୁଙ୍କୁ ମାନସିକ ଭାବେ ଅପମାନିତ କିମ୍ବା .......... କରିବା ଉଚିତ୍ ନୁହେଁ ।

## ୧୩.୪- ଶିଶୁ ଅଧିକାର ସୁରକ୍ଷାରେ ଶିକ୍ଷକଙ୍କ ଭୂମିକା

ପୂର୍ବ ଅନୁଚ୍ଛେଦରେ ତୁମେ ଦେଖିଛ ଯେ କେତେକ ଅଧିକାର ବିଦ୍ୟାଳୟରେ ସାଧାରଣତଃ ଅନେକ ସମୟରେ ବାରଣ କରାଯାଏ । ତେବେ ଶିକ୍ଷକ ହେଉଛନ୍ତି ବିଦ୍ୟାଳୟର ଏକମାତ୍ର ବ୍ୟକ୍ତି ଯେ କି ଶିଶୁମାନଙ୍କ ସହ ସିଧାସଳଖ ସମ୍ପର୍କରେ ଆସିଥାନ୍ତି ଏବଂ ସେମାନଙ୍କ ସର୍ବାଙ୍ଗୀନ ବିକାଶରେ ସକ୍ରିୟ ଭୂମିକା ନିର୍ବାହ କରିଥାନ୍ତି । ଯେତେବେଳେ ପିଲାମାନେ ତାଙ୍କ ପ୍ରାପ୍ୟ ଅଧିକାରଗୁଡ଼ିକ ପାଆନ୍ତି ସେତେବେଳେ ସେମାନେ ସର୍ବୋଚ୍ଚ ବିକଶିତ ହୋଇଥାନ୍ତି । ବିଭିନ୍ନ ଉପାୟରେ ବିଦ୍ୟାଳୟରେ ଶିଶୁ ଅଧିକାରକୁ ନିଶ୍ଚିତ କରାଇବା ସମ୍ଭବପର । ସେଗୁଡ଼ିକ ମଧ୍ୟରୁ କେତେକ ତଳ ଅନୁଚ୍ଛେଦରେ ଆଲୋଚନା କରାଗଲା ।

**ଶିଶୁର ମର୍ଯ୍ୟଦା ପ୍ରତି ସମ୍ମାନ**

ପ୍ରତ୍ୟେକ ଶିଶୁ ବିଦ୍ୟାଳୟର ଅଦ୍ୱିତୀୟ ସତ୍ତା । CRC ସୂଚିତ କରେ ଯେ ଶିଶୁର ମାନବୀୟ ମର୍ଯ୍ୟାଦା ସମ୍ମାନିତ ହେବା ଉଚିତ୍ । ବିଦ୍ୟାଳୟ ଆନୁଷ୍ଠାନିକ ଶିକ୍ଷା ପ୍ରଦାନ ଓ ଆତ୍ମ ଶୃଙ୍ଖଳା ସନ୍ନିବେଶିତ କରିବା ପାଇଁ ଉଦ୍ଦିଷ୍ଟ । ଏହି ଲକ୍ଷ୍ୟ ହାସଲ ପାଇଁ ବିଦ୍ୟାଳୟର କାର୍ଯ୍ୟଧାରାଗୁଡିକ CRC ଙ୍କ ଆଦେଶ ପାଳନ ମୁତାବିକ୍ ହେବା ଉଚିତ୍ ଓ ଶିଶୁର ମାନବିକ ସହ କୌଣସି ପ୍ରକାର ସାଲିସ୍ ହେବା ଉଚିତ୍ ନୁହେଁ । ଜୋରଜବରଦସ୍ତ କରି ବା ଶାରୀରିକ ଦଣ୍ଡ ଦେଇ ଶିକ୍ଷାର୍ଥୀମାନଙ୍କୁ ଶୃଙ୍ଖଳା ଶିଖାଇବା ଉଚିତ୍ ନୁହେଁ । ବରଂ ଏହା କରିବାରେ ସେମାନଙ୍କ ଭିତରେ ଆତ୍ମଶୃଙ୍ଖଳା ବିକଶିତ କରିବା ଆବଶ୍ୟକ । ଆମକୁ ନିଶ୍ଚିତ ଭାବେ ପ୍ରଦର୍ଶନ କରିବାକୁ ପଡିବ ଯେ- ଆମେ ଶିଶୁମାନଙ୍କ ପ୍ରତି ଦାୟିତ୍ୱବାନ୍ । କାରଣ ବିଦ୍ୟାଳୟ ପରିସରରେ ଗଢି ଉଠୁଥିବା ପ୍ରତ୍ୟେକଟି ସମ୍ପର୍କ ଶିଶୁ ପାଇଁ ଗୁରୁତ୍ୱପୂର୍ଣ୍ଣ । ଶିକ୍ଷକଙ୍କର ଯେକୌଣସି ଦୁଇଟି ବ୍ୟବହାର ଲେଖ । ଯାହାକୁ ଦେଖିଲେ ଜଣାପଡୁଥିବ ଯେ ଶିକ୍ଷକ ଶିଶୁଙ୍କୁ ମର୍ଯ୍ୟାଦା ଦେଉଛନ୍ତି ।

କ)..........................................................................................................

ଖ)..........................................................................................................

## ଶିକ୍ଷାର୍ଥୀଙ୍କର ଅଂଶଗ୍ରହଣରେ ଅଭିବୃଦ୍ଧି

ଏକ ଗଣତାନ୍ତ୍ରିକ ବିଦ୍ୟାଳୟ ପରିବେଶ ସୃଷ୍ଟି କରିବାର ଆବଶ୍ୟକତା ଉପରେ ଶିଶୁ ଅଧିକାର କମିଶନ୍ ଗୁରୁତ୍ୱ ଦିଅନ୍ତି । ଏହା ଉଲ୍ଲେଖ କରେ ଯେ ପିଲାମାନେ ସେମାନଙ୍କର ମତାମତ ପ୍ରକାଶ କରିବା ପାଇଁ ସୁଯୋଗ ରହିବା ଉଚିତ୍ ଏବଂ ସେମାନଙ୍କୁ ଉପଯୁକ୍ତ ଗୁରୁତ୍ୱ ଦିଆଯିବା ଉଚିତ୍ । ଏକ ଗଣତାନ୍ତ୍ରିକ ପରିବେଶ ନିମିତ୍ତ ଶିକ୍ଷକଙ୍କୁ ଅବଦାନ କରିବାକୁ ହେବ ଏବଂ ଶ୍ରେଣୀରେ ଶିକ୍ଷାର୍ଥୀମାନଙ୍କର ଅଂଶଗ୍ରହଣକୁ ସ୍ୱାଗତ କରିବାକୁ ପଡିବ । ଏହା ମାନବିକ ଅଧିକାରକୁ ନିଶ୍ଚିତ କରେ । ଗଣତାନ୍ତ୍ରିକ ମୂଲ୍ୟବୋଧଗୁଡିକୁ ବୁଝିବା ଓ ସମ୍ମାନ ଦେବା ପାଇଁ ଶିକ୍ଷାର୍ଥୀମାନଙ୍କୁ ପ୍ରସ୍ତୁତ କରେ ଏବଂ ଏକ କ୍ରିୟା-ପ୍ରତିକ୍ରିୟାଭିତ୍ତିକ ଶିକ୍ଷଣ ପ୍ରକ୍ରିୟା ନିମିତ୍ତ ପରିସ୍ଥିତି ସୃଷ୍ଟି କରେ ।

ଶିକ୍ଷାର୍ଥୀ ପରିଷଦ ପରି ଯେତେଗୁଡିଏ ଢାଞ୍ଚା ଅଛି ସେଗୁଡିକ ବିଦ୍ୟାଳୟର କାର୍ଯ୍ୟଧାରା ସହିତ ସକ୍ରିୟ ଭାବେ ଜଡିତ ରହିବା ଦରକାର । ଯାହା ପ୍ରତ୍ୟକ୍ଷ ଭାବେ ଶିକ୍ଷାର୍ଥୀମାନଙ୍କ ପାଇଁ ପ୍ରାସଙ୍ଗିକ ଅଟେ । ସେଥିମଧ୍ୟରୁ ଗୋଟିଏ ହେଲା, ବିଦ୍ୟାଳୟରେ ଜାତୀୟ ପର୍ବପର୍ବାଣି ପାଳନ । ତୁମ ବିଦ୍ୟାଳୟର ଯେକୌଣସି ଦୁଇଟି କାର୍ଯ୍ୟ ଉଲ୍ଲେଖ କର, ଯେଉଁଥିରେ ଶିକ୍ଷାର୍ଥୀମାନଙ୍କୁ ଅର୍ନ୍ତଭୁକ୍ତ କରାଯାଇପାରିବ ।

କ)..........................................................................................................

..............................................................................................................

ଖ)..........................................................................................................

..............................................................................................................

## ଭୟ, ମାନସିକ ଚାପ ଓ ଉଦ୍‌ବେଗମୁକ୍ତ ବାତାବରଣ ସୃଷ୍ଟି :

ସାଧାରଣତଃ କିଛି ବିଦ୍ୟାଳୟରେ ଲକ୍ଷ୍ୟ କରାଯାଏ ଯେ ଶିଶୁମାନେ କେତେକ ନିର୍ଦ୍ଦିଷ୍ଟ ଶିକ୍ଷକ, ନିର୍ଦ୍ଦିଷ୍ଟ ବିଷୟ ଓ ନିର୍ଦ୍ଦିଷ୍ଟ କାର୍ଯ୍ୟକୁ ଖୁବ୍ ଭୟ କରନ୍ତି । ପରୀକ୍ଷଣ ଓ ପରୀକ୍ଷା ସମୟରେ ସେମାନେ ବହୁତ ଉଦ୍‌ବେଗରେ ଥାଆନ୍ତି । ଉପଲବ୍ଧିର ସ୍ତର ଭିନ୍ନଭିନ୍ନ ଥିଲେ ମଧ୍ୟ ପ୍ରାୟ ବିଦ୍ୟାଳୟରେ ସବୁ ପିଲାଙ୍କୁ ଗୋଟିଏ ପ୍ରକାରର ପରୀକ୍ଷଣ ଦିଆଯାଏ । ଫଳରେ ଯେଉଁ ପିଲାମାନେ ପରୀକ୍ଷା ପାଇଁ ଠିକ୍‌ରେ ପ୍ରସ୍ତୁତ ହୋଇ ନ ଥାନ୍ତି ସେମାନଙ୍କର ଉଦ୍‌ବେଗ ବଢିଯାଏ । ତେଣୁ ଆମେ ଏଭଳି ଏକ ବାତାବରଣ ସୃଷ୍ଟି କରିବା ଯେଉଁଠି ବ୍ୟକ୍ତିଗତ ଆବଶ୍ୟକତା ଅନୁଯାୟୀ ପରୀକ୍ଷା ଓ

ଟିପ୍ପଣୀ

ମୂଲ୍ୟାୟନ କରାଯାଇପାରିବ ଏବଂ ବ୍ୟକ୍ତିଗତ ପାର୍ଥକ୍ୟକୁ ସମ୍ମାନ ଦିଆଯାଇପାରିବ ।

କେତେବେଳେ ତୁମ ବିଦ୍ୟାଳୟର ଶିକ୍ଷାର୍ଥୀମାନେ ଅଧିକ ମାତ୍ରରେ ଉଦ୍‌ବିଗ୍ନ ହୋଇପଡନ୍ତି ?

-------------------------------------------------------------------------------

-------------------------------------------------------------------------------

-------------------------------------------------------------------------------

-------------------------------------------------------------------------------

ଶିକ୍ଷାର୍ଥୀମାନଙ୍କର ଉଦ୍‌ବେଗକୁ ହ୍ରାସ କରିବା ପାଇଁ ଯେକୌଣସି ଦୁଇଟି ଉପାୟ ଲେଖ ।

କ)----------------------------------------------------------------------------

ଖ)............................................................................................................

## ଲିଙ୍ଗଗତ ସମାନତା ପ୍ରଦର୍ଶନ:

ଲିଙ୍ଗଗତ ସମାନତା ପ୍ରତ୍ୟେକ ଶିଶୁର ଅଧିକାର । ବିଦ୍ୟାଳୟ ଉଭୟ ପୁଅ ଓ ଝିଅଙ୍କୁ ସମାନ ଦୃଷ୍ଟିରେ ଦେଖିବା ଉଚିତ୍, ବିଶେଷ କରି ଯେତେବେଳେ କୌଣସି ଦାୟିତ୍ୱ ବଣ୍ଟାଯାଏ ।

ଲିଙ୍ଗ ଆଧାରରେ ପୁରୁଣା ପରମ୍ପରା (ଦୀର୍ଘ ସମୟରୁ ଚଳି ଆସୁଥିବା ଲିଙ୍ଗ ଆଧାରରେ ନିର୍ଦ୍ଦିଷ୍ଟ ଭୂମିକା ଯେପରିକି-ଝିଅମାନେ ଝାଡୁ କରିବା, ପୁଅମାନେ ଟେବୁଲ, ଚେୟାର ଆଦି ସଜାଡିବା) ଆଦି ଦୂରେଇ ଦେବା ଆବଶ୍ୟକ ।

ଆବଶ୍ୟକତାକୁ ଲକ୍ଷ୍ୟ କରି କେତେକ କ୍ଷେତ୍ରରେ ସକାରାତ୍ମକ ଭାବେ ପକ୍ଷପାତିତା କରାଯାଇପାରେ, ଯାହା ଦ୍ୱାରା କେତେକ ନିର୍ଦ୍ଦିଷ୍ଟ ସୁବିଧା ଓ ସୁଯୋଗ ବଞ୍ଚିତ ଗୋଷ୍ଠୀକୁ ଦିଆଯାଇଥାଏ । ଉଦାହରଣ- ବିଦ୍ୟାଳୟରେ ବାଳିକାମାନଙ୍କ ପାଇଁ ବିଶ୍ରାମ ଗୃହ ନିର୍ମାଣ କରିବା । ଏହାଛଡା ବିଦ୍ୟାଳୟରେ ପୃଥକ୍ ଭାବେ ବାଳକ ଓ ବାଳିକାମାନଙ୍କ ପାଇଁ କଣ କଣ ଆବଶ୍ୟକ ବୋଲି ତୁମେ ଭାବୁଛ ?

ଏ ପର୍ଯ୍ୟନ୍ତ ଜଣେ ଶିକ୍ଷକଙ୍କ ଦ୍ୱାରା ଅନୁସରଣ କରିପାରିବା ଭଳି କିଛି ଉପାୟ ଆଲୋଚନା ହୋଇ ସାରିଲାଣି । ତେବେ ଶିଶୁ ଅଧିକାରକୁ ନିଶ୍ଚିତ କରିବା ପାଇଁ ଜଣେ ଶିକ୍ଷକ ଆଉ କଣ କଣ ପଦକ୍ଷେପ ନେଇପାରିବେ ବୋଲି ତୁମେ ଭାବୁଛ ? ଯେକୌଣସି ୫ଟି ଉପାୟ ଏଠାରେ ଉଲ୍ଲେଖ କର ।

କ)----------------------------------------------------------------------------

ଖ)----------------------------------------------------------------------------

ଗ)----------------------------------------------------------------------------

ଘ)----------------------------------------------------------------------------

ଙ)----------------------------------------------------------------------------

ତେଣୁ ଜଣେ ଶିକ୍ଷକ ବିଦ୍ୟାଳୟରେ ଶିଶୁ ଅଧିକାର ସୁରକ୍ଷା ଦିଗରେ କାରକ ରୂପେ କାର୍ଯ୍ୟ କରିପାରିବେ । ଏହା ଦ୍ୱାରା ଯେ କେବଳ ବିଦ୍ୟାଳୟ ଜୀବନ ମଜାଦାର ହେବ ତାହା ନୁହେଁ ବରଂ ଶିଶୁର ସାମଗ୍ରିକ ବିକାଶ ଦିଗରେ ମଧ୍ୟ ଏହାର ଅବଦାନ ରହିବ ।

ଟିପ୍ପଣୀ

## ନିଜ ଅଗ୍ରଗତି ଆକଳନ-୮

ଠିକ୍ ଉତ୍ତର ପାଖରେ ଠିକ୍ ଚିହ୍ନ ଦିଅ ।

୧. ଶିଶୁ ଅଧିକାରଗୁଡ଼ିକର ସୁରକ୍ଷା ଆବଶ୍ୟକ ହୋଇଥାଏ । କାରଣ-

କ ସେମାନେ ନିଜ ଅଧିକାରଗୁଡ଼ିକ ବିଷୟରେ ସଚେତନ ନୁହଁନ୍ତି ।

ଖ ସେମାନେ ନିଜ ଅଧିକାର ପ୍ରୟୋଗ ବିଷୟରେ ଜାଣି ନାହାଁନ୍ତି ।

ଗ ସେମାନେ ବଡ଼ମାନଙ୍କ ନିର୍ଦ୍ଦେଶ ପାଳନ କରନ୍ତି ।

ଘ ସେମାନେ ଅପରିପକ୍ୱ ।

୨. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଶିଶୁ ଅଧିକାର ସୁରକ୍ଷାର ନିର୍ଦ୍ଦେଶ ପାଳନ କରୁନାହିଁ ।

କ ପିଲାମାନଙ୍କର ଅଂଶଗ୍ରହଣକୁ ଉତ୍ସାହିତ କରିବା ।

ଖ ଅବସର ସମୟରେ ଶିକ୍ଷାଦାନ କରିବା ।

ଗ ମୁକ୍ତ ପରିପ୍ରକାଶ ପାଇଁ ଶିଶୁମାନଙ୍କୁ ସୁଯୋଗ ଦେବା ।

ଘ ବ୍ୟକ୍ତିଗତ ତାରତମ୍ୟକୁ ସମ୍ମାନ ଦେବା ।

୩. ନିମ୍ନୋକ୍ତ ମଧ୍ୟରୁ କେଉଁଟି ଜଣେ ଶିକ୍ଷକ ଶିଶୁ ଅଧିକାରକୁ ସମ୍ମାନ ଦେଉଥିବା ପ୍ରଦର୍ଶିତ କରେ ? ଠିକ୍ ଚିହ୍ନ ଦିଅ ।

କ ଶିକ୍ଷାର୍ଥୀ କେନ୍ଦ୍ରିକ ପନ୍ଥା ।

ଖ କମ୍ ସଫଳତା ହାସଲ କରୁଥିବା ପିଲାଙ୍କୁ ସ୍କୁଲ ଛାଡ଼ିବାକୁ କହିବା ।

ଗ ବ୍ୟକ୍ତିଗତ ଆବଶ୍ୟକତାକୁ ପୂରଣ କରିବା ।

ଘ ଅନମନୀୟ ପରୀକ୍ଷା ପ୍ରଣାଳୀ ।

ଙ ଖେଳ ସାମଗ୍ରୀ ଯୋଗାଇ ଦେବା ।

ଚ ରୋଗାଗ୍ରସ୍ତ ଶିଶୁମାନଙ୍କୁ ଡାକ୍ତରୀ ଚିକିତ୍ସା ପାଇଁ ନିର୍ଦ୍ଦେଶ ଦେବା

ଛ ସ୍ୱତନ୍ତ୍ର ବିଦ୍ୟାଳୟକୁ ଯିବା ପାଇଁ ସ୍ୱତନ୍ତ୍ର ଆବଶ୍ୟକତା ପିଲାଙ୍କୁ ଉପଦେଶ ଦେବା ।

## ୧୩.୪ ସାରାଂଶ

ଏହି ଏକକରେ ଅଧିକାର ଏବଂ ଶିଶୁ ଅଧିକାରର ବିଭିନ୍ନ ଦିଗ ବିଷୟରେ ତୁମେ ପଢ଼ିଛ । ତୁମେ ଆଗରୁ ମଧ୍ୟ ଜାଣିଛ- ବ୍ୟକ୍ତି ହେଉ ଅବା ସମାଜ ସମସ୍ତଙ୍କ ମଙ୍ଗଳ ପାଇଁ ଅଧିକାର ନିତ୍ୟାନ୍ତ ଜରୁରୀ । ସାରା ବିଶ୍ୱରେ ଲୋକମାନଙ୍କୁ ସେମାନଙ୍କର ଅଧିକାର ଯୋଗାଇ ଦେବା ପାଇଁ ଆନ୍ତର୍ଜାତୀୟ ସ୍ତରର ସଂଗଠନ- 'ମିଳିତ ଜାତିସଂଘ' ବିଭିନ୍ନ ପଦକ୍ଷେପମାନ ଗ୍ରହଣ କରିଛି । ୧୯୪୮ ମସିହାରେ ଘୋଷଣା କରାଯାଇଥିବା ଗୋଟିଏ ପଦକ୍ଷେପ ହେଉଛି ପ୍ରମୁଖ ମାନବ ଅଧିକାର ଘୋଷଣାନାମ ଯାହା ଏହାର ସ୍ୱକ୍ଷାରରେ ଦେଶକୁ ନିଜ ଦେଶର ନାଗରିକମାନଙ୍କୁ ସମ୍ମାନ ଦେବା ଏବଂ ସେମାନଙ୍କର ହକ୍ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବା ପାଇଁ ପ୍ରସ୍ତୁତ କରିଥାଏ । ଯଦିଓ ଶିଶୁ ଅଧିକାର UNDHR ର ଅନ୍ତର୍ଗତ ତଥାପି ବିଶ୍ୱରେ ଶିଶୁମାନଙ୍କର ଦଣ୍ଡନୀୟ ପରିସ୍ଥିତକୁ ଦେଖି ମିଳିତ ଜାତିସଂଘ ଶିଶୁ ଅଧିକାର ଗୁରୁତ୍ୱ ଦେବାର ଆବଶ୍ୟକତାକୁ ଉପଲବ୍ଧି କରିଛି । ତେଣୁ ୧୯୮୯ ମସିହାରେ ମିଳିତ ଜାତିସଂଘ ଦ୍ୱାରା ଶିଶୁ ଅଧିକାର ଉପରେ ଆନୁଷ୍ଠାନିକ ସମ୍ମିଳନୀ ଆୟୋଜନ କରାଯାଇଥିଲା ଏବଂ ଏହି ବୈଠକରେ ଅଂଶଗ୍ରହଣ କରିଥିବା ଦେଶମାନଙ୍କୁ ନିଜ ଦେଶର CRC ଅନୁଯାୟୀ ଶିଶୁ ଅଧିକାରକୁ

ଟିପ୍ପଣୀ

ସମ୍ମାନ ଦେବା ସେମାନଙ୍କ ପାଇଁ ବାଧ୍ୟତାମୂଳକ ଥିଲା । ଯେହେତୁ ମିଳିତ ଜାତିସଂଘର ଏହି ପ୍ରଚେଷ୍ଟାର ଭାରତ ଏକ ସ୍ୱାକ୍ଷରକାରୀ ଦେଶ ଥିଲା, ତେଣୁ ସର୍ତ୍ତ ଅନୁଯାୟୀ ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ କରିବା ତଥା ପ୍ରତ୍ୟେକ ପିଲା କିପରି ନିଜର ଶୈଶବାସ୍ଥାକୁ ଉପଭୋଗ କରିପାରିବ ସେ ଦିଗରେ ଭାରତ ପ୍ରଚେଷ୍ଟାରତ ରହିଛି । ଏହି ଲକ୍ଷ୍ୟ ହାସଲ ନିମନ୍ତେ ଏକାଧିକ କାର୍ଯ୍ୟକ୍ରମ ଓ ନୀତି କାର୍ଯ୍ୟକାରୀ କରାଯାଇଛି । ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା-ଅଧିନିୟମ ୨୦୦୯ ଏହି ଦିଗରେ ଏକ ସକାରାତ୍ମକ ପ୍ରୟାସ । ତେଣୁ ଶିକ୍ଷକ ହିସାବରେ ବିଦ୍ୟାଳୟରେ ଶିଶୁପ୍ରିୟ ବାତାବରଣ ସୃଷ୍ଟି ଏବଂ ଶିଶୁ ପାଇଁ ବିଦ୍ୟାଳୟ କାର୍ଯ୍ୟଧାରାକୁ ଆନନ୍ଦମୟୀ କରିବା ନିମିତ୍ତ ଆମର ଦାୟିତ୍ୱ ରହିଛି ।

## ୧୩.୫ ନିଜ ଅଗ୍ରଗତି ଆକଳନ ପାଇଁ ଆଦର୍ଶ ଉତ୍ତର

### ନିଜ ପ୍ରଗତି ଆକଳନ-୧

୧. ଠିକ୍
- ସେଗୁଡ଼ିକ ଲୋକଙ୍କୁ ପ୍ରଦାନ କରାଯାଇଥାଏ ।
- ଲୋକମାନେ ସେମାନଙ୍କ ଅଧିକାର ସୁରକ୍ଷା ପାଇଁ ଦାବି କରିପାରିବେ ।

୨.
- ଜନ ସାଧାରଣ / ନାଗରିକ
- ମାନବ ଅଧିକାରର ସାର୍ବଜନୀନ ଘୋଷଣାନାମା
- ଡିସେମ୍ବର ମାସର ୧୦ ତାରିଖ
- ମାନବ ଅଧିକାର ସୁରକ୍ଷା ପାଇଁ ରାଜ୍ୟ କମିଶନ୍

### ନିଜ ପ୍ରଗତିର ଆକଳନ-୨

୧. ଠିକ୍ - କ, ଘ, ଙ

୨. ଶିଶୁ ଅଧିକାର - କ, ଖ, ଘ, ଙ

### ନିଜ ଅଗ୍ରଗତି ଆକଳନ-୩

କ) ମାନବିକ ଅଧିକାର

ଖ) ୧୯୯୦

ଗ) ଶିଶୁ ଅଧିକାରଗୁଡ଼ିକ କଣ ?

ଘ) UNESCO ଏବଂ UNICEF

### ନିଜର ଅଗ୍ରଗତି ଆକଳନ-୪

କ) ୧ ଏପ୍ରିଲ ୨୦୧୦

ଖ) ମାଗଣା ଓ ବାଧ୍ୟତାମୂଳକ

ଗ) ୬ରୁ ୧୪ ବର୍ଷ

ଘ) ଶିକ୍ଷାର୍ଥୀ କେନ୍ଦ୍ରୀକ ଶିକ୍ଷା

### ନିଜର ଅଗ୍ରଗତି ଆକଳନ କର-୫

୧. ଶିଶୁ ଶ୍ରମିକ ବିରୋଧରେ ଅଧିକାର

୨. ଠିକ୍ - ଖ, ଘ, ଙ, ଛ

୩. IPEC- International Programme for Elemination of Child Labour
୪. ଶିଶୁ ଶ୍ରମିକ ଉଚ୍ଛେଦ ପାଇଁ ଆନ୍ତର୍ଜାତିକ କାର୍ଯ୍ୟକ୍ରମ ଶିଶୁ ଶ୍ରମିକ ଜାତୀୟ - ୧୯୮୭

### ନିଜ ଅଗ୍ରଗତି ଆକଳନ-୬

୧. ଠିକ୍ - ଖ, ଙ, ଚ, ଜ

### ନିଜ ଅଗ୍ରଗତି ଆକଳନ-୭

୧. ଶିଶୁ ଶ୍ରମିକ
୨. ଶିଶୁ ଅଧିକାର ସୁରକ୍ଷା ପାଇଁ ଜାତୀୟ କମିଶନ୍
୩. ଶିଶୁ ଅଧିକାର ସୁରକ୍ଷା ପାଇଁ ରାଜ୍ୟ କମିଶନ୍
୪. ବଞ୍ଚିବା, ଉଚ୍ଚଶିକ୍ଷା, ବିଦେଶ ଯାତ୍ରା
୫.ଦଣ୍ଡ ବିଧାନ କିମ୍ବା ଅପମାନ

### ନିଜ ଅଗ୍ରଗତି ଆକଳନ-୮

ଠିକ୍ ଉତ୍ତରକୁ ଠିକ୍ ଚିହ୍ନ ଦିଅ ।
୧. ଘ
୨. ଖ
୩. କ) ଶିକ୍ଷାର୍ଥୀ କେନ୍ଦ୍ରିକ ପନ୍ଥା
ଗ) ବ୍ୟକ୍ତିଗତ ଆବଶ୍ୟକତା ପୂରଣ କରିବା
ଙ) ଖେଳ ସାମଗ୍ରୀ ଯୋଗାଇ ଦେବା
ଚ) ରୋଗାଗ୍ରସ୍ତ ପିଲାଙ୍କୁ ଡାକ୍ତରୀ ଚିକିତ୍ସା ପାଇଁ ନିର୍ଦ୍ଦେଶ ଦେବା

## ୧୩.୬- ପରବର୍ତ୍ତୀ ଅଧ୍ୟୟନ ପାଇଁ ପୁସ୍ତକ ସୂଚୀ


- Dev Arjun, Dev India and Das supta (1996). Human Rights-A Source boon. New Delhi.NCERT
- NPE (1986). National policy on Education. New Delhi.MHRD
- Rao,Digumarti Bhaskara(2011)
- Right to Education Hydrabad Neelkamal Publication Pvt.Ltd
- Gazette (2009) The Gazette of india. New Delhi, Authority, 27th August


## ୧୩.୭- ପାଠାନ୍ତ ପ୍ରଶ୍ନାବଳୀ

୧. ମାନବିକ ଅଧିକାର ଆମମାନଙ୍କ ପାଇଁ କାହିଁକି ଗୁରୁତ୍ୱପୂର୍ଣ୍ଣ ?
୨. ତୁମ ବିଦ୍ୟାଳୟରେ କିପରି ମାନବିକ ଅଧିକାର ଦିବସ ପାଳନ କରାଯାଏ ଲେଖ ?
୩. ବିଦ୍ୟାଳୟରେ ଶିଶୁ ଅଧିକାର କ୍ଷୁର୍ଣ୍ଣ ହେଉଥିବାର ଯେକୌଣସି ଏକ ଉଦାହରଣ ଦିଅ । ଏହାର ସୁରକ୍ଷା ତୁମେ କିପରି କରିପାରିଥାନ୍ତ ବର୍ଣ୍ଣନା କର ।

ଟିପ୍ପଣୀ

୪. କେତେଗୁଡ଼ିଏ ଶିଶୁ ଶ୍ରମିକଙ୍କ ସହ ସାକ୍ଷାତ କର ଏବଂ ବିଦ୍ୟାଳୟ ନ ଯିବାର କାରଣଗୁଡ଼ିକୁ ଖୋଜି ତାହାର କରିବାକୁ ଚେଷ୍ଟା କର । ଗୋଟିଏ ବିଦ୍ୟାଳୟରେ ସେହି ପିଲାଙ୍କ ନିମନ୍ତେ କଣ କରିପାରିବ ତାହା ଉଲ୍ଲେଖ କର ?

୫. ବିଶ୍ୱରେ ସମସ୍ତ ଶିଶୁମାନଙ୍କର ଅଧିକାର ପ୍ରଦାନ ନିମନ୍ତେ ମିଳିତ ଜାତିସଂଘ (UN) କେଉଁ କେଉଁ ପଦକ୍ଷେପମାନ ଗ୍ରହଣ କରିଛି ?

୬. ବିଦ୍ୟାଳୟରେ ପିଲାମାନଙ୍କୁ ନିଶ୍ଚିତ ପ୍ରଦାନ କରାଯିବାକୁ ଥିବା ଯେ କୌଣସି ଦୁଇଟି ଅଧିକାର ଲେଖ । ଏହି ଅଧିକାରଗୁଡ଼ିକ ଉପଭୋଗ କରିବା ନିମିତ୍ତ ପିଲାମାନଙ୍କୁ ସୁଯୋଗ ନେବା ପାଇଁ ତୁମେ କିପରି ଏକ ପରିବେଶ ସୃଷ୍ଟି କରିବ ବର୍ଣ୍ଣନା କର ।

୭. ବିଦ୍ୟାଳୟକୁ ଶିଶୁ ସୁଲଭ ତଥା ଚତ୍ତାକର୍ଷକ କରିବା ନିମନ୍ତେ ଶିକ୍ଷକଙ୍କ ଭୂମିକା ଆଲୋଚନା କର ।

୮. ବାଳକ ଓ ବାଳିକାମାନଙ୍କୁ ସମାନତା ପ୍ରଦାନ କରିବା ନିମନ୍ତେ ସହଶିକ୍ଷା ବିଦ୍ୟାଳୟରେ ତୁମେ କେଉଁ କେଉଁ କାର୍ଯ୍ୟକ୍ରମ ଗ୍ରହଣ କରିବ ?

୯. ଶିଶୁ ଅଧିକାର ସୁରକ୍ଷା ନିମନ୍ତେ ଶିକ୍ଷା ଅଧିକାର ଅଧିନିୟମ, ୨୦୦୯ରେ କଣ ସବୁ ଉଲ୍ଲେଖ କରାଯାଇଛି ?

୧୦. ପ୍ରତ୍ୟେକ ରାଜ୍ୟରେ ଶିଶୁ ଅଧିକାର ସୁରକ୍ଷା ଆୟୋଗ SCPCR ସ୍ଥାପନାର ଆବଶ୍ୟକତା କଣ ?